

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ଅଗଷ୍ଟ ୨୦୧୭
ମୂଲ୍ୟ : ୨୫ ଟଙ୍କା





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. [illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଦ୍ୱିତୀୟ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

□ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । .......

□ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ ........

□ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଉଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ........

□ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଉଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........

□ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......

□ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....

□ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିଛି ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ..........

□ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........

□ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ .......

□ ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........

□ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........

□ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଉ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, August 2016, Issue No. V
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଷ୍ଣୁପ୍ରସାଦ ନାୟକ**
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୁଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**
Niladri Vihar, Cuttack - 4
E-mail : pracheepatrika@rediffmail.com
Web Site : www.pracheevoice.in

## ଏଇ ସଂଖ୍ୟାରେ...

❑ **ପ୍ରତାରଣା**
ଗୋପାଳ ଚନ୍ଦ୍ର ଦୋଳାଇ ୭

❑ **ମଲାପରେ ବି ମଣିଷ କଥା କୁହେ**
ମୋହନ ଚନ୍ଦ୍ର ଖିଲାର ୧୧

❑ **ନିରାଶ୍ରୟ ମାଂ ଜଗଦୀଶ ରକ୍ଷ**
ବିପଦ ରଞ୍ଜନ ମିଶ୍ର ୧୫

❑ **ଅମଣିଷ**
ସରୋଜିନୀ ମିଶ୍ର ୧୭

❑ **ଦୁଃଖିନୀର ଦୁଃଖ**
ଚୂଡ଼ାମଣି ପାଣିଗ୍ରାହୀ ୧୯

❑ **ନୂତନ ଦିଗନ୍ତ**
ଲୋପାମୁଦ୍ରା ଜେନା ୨୩

❑ **ଜଙ୍ଗଲ ସୁରକ୍ଷା**
ଏଲିନା ପଣ୍ଡା ୨୬

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଜିଲ୍ଲା.............................................................. ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର .............................................. ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬
E-mail : pracheepatrika@rediffmail.com, Web. : www.pracheevoice.com

# ପ୍ରତାରଣା

ଗୋପାଳ ଚନ୍ଦ୍ର ଦୋବାଇ

ଅକଳ୍ପ ପ୍ରସନ୍ନତା ଜ୍ୟୋତ୍ସ୍ନା ବିଧୌତ ନିଶିଥିନୀ ପରମ ଶୋଭାକୁ ଧାରଣ କରି ଗର୍ବ ଶୂନ୍ୟ ହୃଦୟରେ ସୁପ୍ତା ଋତୁରାଜ ଆଗମନରେ ପ୍ରକୃତିରଣୀ ନବବିବାହିତ କାମିନୀ ପରି ପୁଷ୍ପରାଶିରେ ଆବୃତା ମଳୟ ସମୀର ମରୁତର ମୃଦୁମନ୍ଦ ସଞ୍ଚାଳନ ଦ୍ୱାରା ପ୍ରକୃତି ମଦିରାପାନ କଲାପରି ପ୍ରମିଳାସକ୍ତ । ନିସ୍ତବ୍ଧ ନିର୍ଜନତାକୁ ଭେଦକରି ଘଞ୍ଚ ଅରଣ୍ୟ ଆଶ୍ରମରୁ ଭାସିଆସୁଥାଏ ମନ୍ତ୍ରରାଜା ସଙ୍ଗୀତିକ ଆବାହନ । ନିର୍ମଳ ନିଷ୍ପନ୍ଦ ହୃଦୟରେ ଜପି ଚାଲିଛନ୍ତି ମହର୍ଷି ସୁରୁଚି ମନ୍ତ୍ରରାଜ ଧ୍ୱନିରେ ପ୍ରକୃତି କୋଡରେ ସୁପ୍ତା ସର୍ବ ଜୀବଜଗତ ସତେ ଏବିଏ କେହି ସଙ୍ଗୀତ ମୂର୍ଚ୍ଛନା ତୋଳି ଗାଢ ସୁଷୁପ୍ତି ଅବସ୍ଥାକୁ ଟାଣି ଅଣୁଛି ।

..........ଛମ୍.......... ଛମ୍.......... ଛମ୍ ।

ନୂପୁରର ନିକ୍ୱଣ ସୁରଙ୍ଗର ମନ୍ଦ୍ର ଧ୍ୱନିରେ ସୁପ୍ତା ପ୍ରକୃତି ପୁନର୍ବାର ଜାଗରିତ ହୋଇଉଠିଲା । ନିସ୍ତବ୍ଧ ନିଶୀର ବେପଥୁ ଶ୍ରୀହରଣ ସଙ୍ଗେ ଶ୍ରୀହରି ଉଠିଲା ।ସୁରୁଚିଙ୍କ ଧ୍ୟାନମଗ୍ନ ଅବୟବ । ନେତ୍ର ଫେଡି ଦେଖନ୍ତି ପ୍ରକୃତିର କୋମଳକମନୀୟ ବନ ବିମୋହିତ କଳେବର । ଭିଜା ଜ୍ୟୋତ୍ସ୍ନାରେ କେହି ପ୍ରକୃତିର ସୁଗନ୍ଧମୟ କରି ତୋଳୁଛି । ପୁନର୍ବାର ଦେଖିଲେ କିୟତ୍ ଦୂରରେ ନୃତ୍ୟରତା ଏକ ଭୁବନବିମୋହିନୀ । ଖିଲି ଖିଲି ହୋଇ ହସୁଛି ।ତା 'ର ସେହି ଖିଲି ଖିଲି ମଧୁରମୟ ହସ ଚତୁର୍ଦ୍ଦିଗକୁ ମୋହିତ କରି ଦେଉଛି ।ସତେ ଅବା ସୃଷ୍ଟି ଏକ ନିର୍ଝରିଣୀ ହୋଇ ବହିଯିବ । ସେହି ହସର ପ୍ରତୀଟି ଶବ୍ଦ ସୁରୁଚିଙ୍କ ପାଇଁ ସୁସ୍ପଷ୍ଟ ବୋଧଗମ୍ୟ । ଫେରିଆ ପୁତ୍ର, ସେଥିରେ ଶାନ୍ତି ନାହିଁ । ନିତ୍ୟସୁଖ ନାହିଁ, ମୋକ୍ଷ ନାହିଁ, ମୁକ୍ତି କେବଳ ଗାର୍ହସ୍ଥ୍ୟ ଜୀବନରେ ପିତାମାତାଙ୍କର ଆକୁଳିତ ଅମୀମାଂସିତ ପ୍ରଶ୍ନଟି ହସର ଧାରେ ଧାରେ ସୁରୁଚିଙ୍କ ହୃଦୟ କନ୍ଦର ମଧରେ ମୂର୍ଚ୍ଛିତ ବୀଣାତାରକୁ ଆଘାତ କରି ହୃଦୟକୁ ଭେଦକରି ଦେଇ ଫେରିଆସୁଥିଲା ।

ଋଷି ସୁରୁଚି ଧୀରେ ଧୀରେ ସେହି ନାରୀଟି ନିକଟକୁ ଗଲେ । ହେ ଦେବୀ ତୁମେ କିଏ? ତୁମେ ସ୍ୱପ୍ନ ନା ସତ୍ୟ, ନା ତୁମେ କୌଣସି ଦେଶର ରାଜକୁମାରୀ ବାଟ ବଣା ହୋଇ ଏଠାକୁ ପଳାଇଆସିଛ । ପଚାରିଲେ ସୁରୁଚି ମୁ ବଣାରାଜ ନନ୍ଦିନୀ ନିତ୍ୟା ଆପଣଙ୍କ ତପ, ତେଜ ରୂପ ସୌନ୍ଦର୍ଯ ଆକୃଷ୍ଟ ହୋଇ ଆପଣକ ପ୍ରେମ ପାଇବାକୁ ଆସିଛି ।

ହେ ଦେବୀ !ଜଣେ ସର୍ବତ୍ୟାଗୀ ସନ୍ନ୍ୟାସୀ ତୁମକୁ କି ପ୍ରେମ ଦେଇ ତୁମର ମାନବାଞ୍ଛା ପୂର୍ଣ କରିବ ।ଭଗ୍ନ ମନୋରଥ ନେଇ ଫେରିଯିବ ସିନା, ତୁମର ମନସ୍କାମନା ପୂର୍ଣ କରିବା ମୋ ସାଧ୍ୟରେ ବାହାରେ ।ମୁ ବର୍ତ୍ତମାନ ପୂର୍ଣ ବ୍ରହ୍ମାଙ୍କରପୂର୍ଣ ପ୍ରେମ ରେ ପ୍ରତି କହିଲେ ସୁରୁଚି ।

ପ୍ରକୃତି ପୁରୁଷ ମିଳନ ବିନା ପୂର୍ଣ୍ଣପ୍ରେମ ଅସମ୍ଭବ । ପୂର୍ଣ୍ଣ ପ୍ରେମ ନ କଲେ ପୂର୍ଣ୍ଣ ବ୍ରହ୍ମଙ୍କର ପ୍ରାପ୍ତି ମଧ୍ୟ ଅସମ୍ଭବ, କହିଲେ ନିତ୍ୟା ।

ହେ ଦେବୀ ! ମୁଁ ସେ ମାୟାମୋହରେ ଆଚ୍ଛାଦିତ ହେବାକୁ ଚାହେଁନା, ମାତ୍ରୁଛି ପ୍ରକୃତି ପୁରୁଷର ମିଳନରେ ସୃଷ୍ଟି ହୁଏ ପୂର୍ଣ୍ଣପ୍ରେମ ।ପରମୁହୂ ସୃଷ୍ଟି ହୁଏ ଦୁଃଖ । ଅନେକ ଜନ୍ମର ପୁଣ୍ୟ ଫଳରେ ମନୁଷ୍ୟ ଜନ୍ମକୁ ପ୍ରାପ୍ତ ହୁଏ ।ସମସ୍ତ ଜୀବଜଗତରେ ଶାରୀରିକ ପ୍ରାଣୀଠାରୁ ମନୁଷ୍ୟ ଶ୍ରେଷ୍ଠ ଏବଂ ସର୍ବ ଦୁର୍ଲଭ ଅଟେ । ଏହି ଦୁର୍ଲଭ ଶରୀରକୁ ପ୍ରାପ୍ତ ହୋଇ ବିଷୟ ବସନରେ ମଜି ରହି ମନୁଷ୍ୟ ଉପୋଭୋଗ ପରାୟଣ ହୋଇ ଉଠେ ।ଏହି ପରଂବ୍ରହ୍ମ ପରମାତ୍ମାଙ୍କଠାରୁ ବିମୁଖ ରହୁଥିବା ମନୁଷ୍ୟ ନିଜକୁ କାମନା ଦ୍ୱାରା ବାନ୍ଧିରଖେ ।ସେଥିପାଇଁ ବୁଦ୍ଧ କହିଛନ୍ତି,'କାମାନାର ବିନାଶରେ ଦୁଃଖର ବିନାଶ'କହିଲେ ସୁରୁଚି ।ଏମିତି ଯଦି ସମସ୍ତେ ତପସ୍ୟା ବ୍ରତରେ ବ୍ରତୀ ହେବେ ସୃଷ୍ଟି ସର୍ଜନା ଅସମ୍ଭବ । ଯାହା ତପସ୍ୟାରେ ପ୍ରାପ୍ତି ହେବେ, ତାହା କ'ଣ ଗାର୍ହସ୍ଥ୍ୟ ଜୀବନରେ ପ୍ରାପ୍ତି ହେବନି ।ଦୁଃଖ ନ ଥିଲେ ସୁଖର ସଂଜ୍ଞା ଆସିଲା କେଉଁଠୁ । ମନୁଷ୍ୟ ଜନ୍ମ ଦୁର୍ଲଭ, ଏଇଥିପାଇଁ ତା' ପାଖରେ ଦିବ୍ୟଜ୍ଞାନ ଅଛି । ଯାହା ତା'ର ସୃଷ୍ଟିରେ ଉତ୍ତମ ରୂପେ ପରିଚାଳିତ କରିବ । ତୁମେ ଯେଉଁ ନିତ୍ୟ ସୁଖ ନିମନ୍ତେ, ସଂସାରଗତ ଲୌକିକ ସୁଖରୁ ବିଚ୍ଛିନ୍ନ ହୋଇ, ଭଅଁରଙ୍କ ପରି ମଧୁ ଅସ୍ୱାଦନ ନିମନ୍ତେ ତପସ୍ୟା କରିବାକୁ ଛୁଟିଆସିଛ । ତୁମେ କେବେ ହେଲେ ମଧୁ ପାଇପାରିବା ନାହିଁ ।ମଧୁ ଅଛି କେବଳ ଦୁଃଖ ସୁଖମୟ ସାଂସାରିକ ସୁଖରେ । ମାୟା ଗ୍ରନ୍ଥିରେ ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ବନ୍ଧା ହୋଇଛି । ତୁମେ କ'ଣ ତପ ଶକ୍ତିରେ ମାୟାପାଖରୁ ଦୂରେଇ ଯାଇପାରିବ ।ମାୟା ବିନା ଏ ସଂସାରରେ ସ୍ଥିତି ଅସମ୍ଭବ ।ସ୍ୱୟଂ ପୂର୍ଣ୍ଣ ବ୍ରହ୍ମ ମଧ୍ୟ ଏ ମାୟା କୁଣ୍ଡଳିନୀ ମଧ୍ୟରେ ସ୍ଥିତି ।ତୁମେ ମାୟା ଭିତରେ ରୁହ ।ମାୟା ତୁମକୁ ଗ୍ରାସ ନ କରୁ କହିଲେ ନିତ୍ୟା ।

ନିତ୍ୟାଙ୍କ କଥା ଶୁଣି ସୁରୁଚିଙ୍କର ସମସ୍ତ ଅବୟବ ଏକ ନୂତନ ପୁଲକରେ ପୁଲକିତ ହୋଇଗଲା । ମନେମନେ ଚିନ୍ତାକଲେ ତାହାହେଲେ ମୁଁ ଯାହା କରୁଛି ତାହା କ'ଣ ଭୁଲ୍ ?ପ୍ରକୃତରେ ଯୁଦ୍ଧ କ୍ଷେତ୍ରକୁ ଆସି ଯୁଦ୍ଧ ନ କରି ଡରି ପଳାଇଯିବା ଭିରୁତର ପରିଚୟ ।ବୀର ଯଦି ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କରେ ତାକୁ ସାଧାରଣ ମୃତ୍ୟୁରେ ଆଖ୍ୟା ଦିଆଯାଇପାରେନ ।ତାକୁ ବୀର ଗତି କୁହାଯାଏ ।ଏ ସଂସାରରୂପକ ଯୁଦ୍ଧ କ୍ଷେତ୍ରରେ ଆମେ ସମସ୍ତେ ଗୋଟିଏ ଗୋଟିଏ ବୀର ଯୋଦ୍ଧା ।ଏ ଯୁଦ୍ଧ ସାଧାରଣ ଯୁଦ୍ଧ ନୁହେଁ, ଏ ଯୁଦ୍ଧ କାମ, କ୍ରୋଧାଦି ଷଡରିପୁ ସହିତ ଏବଂ ଏକ ଦାଶ ଇନ୍ଦ୍ରିୟକୁ ଆୟତ କରିବାର ଯୁଦ୍ଧ ।ଏହି କଥା ଚିନ୍ତାକରି ସୁରୁଚିଙ୍କର ମତିଭ୍ରମ ହୋଇଗଲା ।ଭୁଲିଗଲେ ଧ୍ୟାନ, ଜ୍ଞାନ, ପାତ୍ର, ଜପ, ତେଜ ।ନିତ୍ୟାଙ୍କ ହସ୍ତ ଧରି ଆଶ୍ରମକୁ ବାହୁଡି ଆସିଲେ । ନିତ୍ୟାଙ୍କ ସହିତ ସୁରୁଚିଙ୍କର ଦୁଇ ବର୍ଷ ଅତିକ୍ରାନ୍ତ ପ୍ରାୟ । ନିତ୍ୟାକୁ ଥରେ ଏନଏ ଦେଖିଲେ ସୁରୁଚି ପାଗଳ ପ୍ରାୟ ହୋଇଯାଉଛନ୍ତି । ଦୁଇଟି ସନ୍ତାନର ଜନକ ଆଜି ସେ । ନିତ୍ୟାଙ୍କ କଥାରେ ନିତ୍ୟ ସୁଖ ନିମନ୍ତେ ଫେରିଆସିଲେ ବାନପ୍ରସ୍ଥରୁ ଗାର୍ହସ୍ଥ୍ୟ ଆଶ୍ରମ ।

ଏକଦା ଫଳମୂଳ ସଂଗ୍ରହ ନିମନ୍ତେ ଆଶ୍ରମରୁ ବାହାରୁଛନ୍ତି । ନିଜକୁ ବହୁତ କଷ୍ଟ ଅନୁଭବ କଲେ । କ୍ରୋଧରେ ସେ ନିତ୍ୟାଙ୍କୁ କହିଲେ ମୁଁ ଦୈନନ୍ଦିନ ଫଳମୂଳ ସଂଗ୍ରହ ନିମନ୍ତେ ଅରଣ୍ୟ ଯିବି ନହିଁ ।କହିଲେ ସୁରୁଚି ।

ଆମେ ସିନା ଉପାସରେ ରହି ଦିନ କାଟିଦବା  ହେଲେ ଏହି କୋମଳମତି ଶିଶୁ ଦୁଇଟିଙ୍କୁ ତ କିଛି ଦେବାକୁ ହେବ କହିଲେ ନିତ୍ୟା ।

ଶିଶୁ ଦୁଇଟିକୁ ଦେଖିବାମାତ୍ରେ  ସୁରୁଚିଙ୍କ ମୁଖ ମଣ୍ଡଳରେ ପ୍ରସନ୍ନତାର ଭାବ ଫୁଟିଉଠିଲା ତ'ପରେ ସେ ଆନନ୍ଦରେ ଚାଲିଗଲେ ବନକୁ ।ବନ ମଧ୍ୟରେ ପହଞ୍ଚି  ଭାବିଲେ, ଦୈନନ୍ଦିନ କ'ଣ ଆସିବା  ? ଲୋଭାସକ୍ତ ହୋଇ ଆଠ ଦଶଦିନ ପାଇଁ ଖାଦ୍ୟ ସଂଗ୍ରହ କଲେ  ।

ଖାଦ୍ୟ ସଂଗ୍ରହ କରି ଆଶ୍ରମକୁ ଫେରୁଥିବା ସମୟରେ ମାର୍ଗରେ କୁରଙ୍ଗି ନାମକ ରାକ୍ଷସ ଏସଏଏଚଆଇଟିଏ ତାଙ୍କର ସାକ୍ଷାତ ହେଲା । କୁରଙ୍ଗି କ୍ରୁର ହେଲେ ମଧ୍ୟ ରାକ୍ଷସ ଉତ୍ତମ । ଅନ୍ୟାୟରେ ସେ କ୍ରୁର ଏବଂ ନ୍ୟାୟରେ ସେ ଧୀର । ଏସଇଉଆରଇଉସିଏଚଆଇଏନଙ୍କେଏ ସହିତ ତାର ଆଗରୁ ପରିଚୟ ଥିଲା । କୁରଙ୍ଗିକୁ ସେ ବହୁତ ଭଲପାଆନ୍ତି । କୁରଙ୍ଗି ମଧ୍ୟ ତାଙ୍କୁ ଭଲପାଆନ୍ତି । ଋଷିବର ଆପଣଙ୍କର ଏ ଜୀର୍ଣ୍ଣଶୀର୍ଣ୍ଣ ଶରୀର ଏମଇଉକେଏଚଏ ମଣ୍ଡଳ ଉଠିଲ ଗୁଡାଏ ଫଳ, ଏସବୁ ସୂଚାଉଛି, ଆପଣ ତପ ଛାଡି ପୁଣି ମାୟା ଜାଲରେ ଛନ୍ଦି ହୋଇଯାଇପାରନ୍ତି  ବୋଲି ତପୋନ୍ମୁଖୀ ଆପଣଙ୍କର ଏହି କୁସ୍ୱରୂପ ସାଧନାର ପରିଚୟ ନୁହେଁ ତପଚାରୀ ଶଠତାର ପରିଚୟ କହିଲେ କୁରଙ୍ଗି  ।

' ' କ୍ଷମା କରିବେ  ରାକ୍ଷସ ମହୋଦୟ, ମୋ ପାଖରେ  ବାତ୍ସାଲ୍ୟପ୍ରେମରେ ବାନ୍ଧିବାକୁ  ଚାହିଁଥିଲେ  । କିନ୍ତୁ  ଆପଣ କଲେ କ'ଣ  ? ବୃଦ୍ଧ ବୟସରେ ତାଙ୍କର ଏସଏବିଇଉ ଆଶାକୁ ଛିନ୍ନ କରି ଚାଲିଆସିଥିଲେ ତପସ୍ୟା କରିବାକୁ  । ଏତେଦିନ ବତ୍ସାଲ୍ୟ ପ୍ରେମ କଥା ମନେପଡିଲା  । ଯାହା ଆପଣଙ୍କୁ ସ୍ପର୍ଶ କରିବା କଥା ନୁହେଁ  । ସେ ଆପଣଙ୍କୁ ବୁଡାଇ ଦେବାକୁ ବସିଲାଣି, କେଏଏଚଆଇଏଲଏ କୁରଙ୍ଗି । ଲଜ୍ଜା  ସଙ୍କୋଚରେ ସୁରୁଚିଙ୍କର ମଥା ତଳକୁ ହୋଇଗଲା । ସେ ରାକ୍ଷସକୁ କିଛି କହିବା ପୂର୍ବରୁ ରାକ୍ଷସ ଅନ୍ତର୍ଦ୍ଧାନ  ହୋଇଗଲା । ରାକ୍ଷସର କଥା ଗୁଡିକରେ ସୁରୁଚିଙ୍କ ହୃଦୟରେ ଦୁଃଖ ଅନୁତାପ ଭରିଗଲା  । ଏହିପରି ଭାବୁ  ଭାବୁ ଆଶ୍ରମରେ ଆସି ଉପସ୍ଥିତ ହେଲେ  । ଦେଖିଲେ କୋମଳମତି ଶିଶୁ ଦୁଇଟି ତାଙ୍କରି ଆଡକୁ ଅତ୍ୟନ୍ତ ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି । ସୁରୁଚି ପୁଣି ସମସ୍ତ ଦୁଃଖକୁ ଭୁଲିଯାଇ ଆନନ୍ଦରେ ଦୁଇ ସନ୍ତାନଙ୍କୁ  କୋଳରେ ନେଇ ଖେଳେଇବାକୁ ଲାଗିଲେ । ମାୟାମୋହରେ ସେ ଅନ୍ଧ ପାଲଟି ଯାଇଥିଲେ । ହଠାତ୍ ଶିଶୁ ଦୁଇଟି କାନ୍ଦିଉଠିଲେ  । ତା' ଦେଖିସୁରୁଚି, ନିତ୍ୟା  ନିତ୍ୟା  ବୋଲି ଡାକିଲେ; କିନ୍ତୁ ଆଶ୍ରମ ଭିତରୁ କେହି ଆସିଲେ ନାହିଁ କି ଜବାବ୍ ମଧ୍ୟ ମିଳିଲା ନାହିଁ  । ପିଲା ଦୁଇଟିକୁ ଶୋଇ ଦେଇ ଆଶ୍ରମ ଭିତରକୁ ନିତ୍ୟା ନିତ୍ୟା ବୋଲି ଡାକି ପ୍ରବେଶ କଲେ, ଦେଖିଲେ ଆଶ୍ରମ ଭିତରେ କେହି ନାହାନ୍ତି  । ନିତ୍ୟା ନିତ୍ୟା ବୋଲି ଡାକି ପାଗଳ ପ୍ରାୟ ହୋଇଗଲେ ଏବଂ ଆଶ୍ରମରେ ବିଏଏଚଇଉଟିଏ ଦୂରକୁ ଡାକି ଡାକି ପଳେଇଲେ । ସନ୍ତାନ ଦୁଇଟିଙ୍କ କଥା ତାଙ୍କର ଖିଆଲି ନହିଁ । ହଠାତ୍ କାହାର ଡାକରେ ସେ ଅଟକିଗଲେ । ସେଇ ପୂର୍ବପରିଚିତ ସ୍ୱର ।

କିଏ ନିତ୍ୟା, କହିଲେ ସୁରୁଚି ।

ହଁ ଏମଇଉ ନିତ୍ୟା; କିନ୍ତୁ  ମୁଁ ତୁମର ସେହି ନିତ୍ୟା ହୋଇନାହିଁ ।

ଦେବରାଜଙ୍କ ଆଜ୍ଞାରେ ମୁଁ ଆସିଥିଲି ତୁମ ତପସ୍ୟା ଭଙ୍ଗ ଉଦ୍ଦେଶ୍ୟରେ । ମୋ କାର୍ଯ୍ୟରେ ସଫଳ ହୋଇ ମୁଁ ବର୍ତ୍ତମାନ ସ୍ୱର୍ଗପୁରକୁ ଯାଉଛି । କହିଲେ ନିତ୍ୟା ତାହାହେଲେ ତୁମେ ମୋତେ ଯାହାସବୁ କହିଲ, ତାହାସବୁ ମିଥ୍ୟା,ପ୍ରତାରଣା, କହିଲେ ସୁରୁଚି ।

ମୋ ସ୍ୱାମୀଙ୍କ ଆଜ୍ଞା ମୁଁ ପାଳନ କରି, ମିଥ୍ୟାରେ ହୋଇପାରେ, ତାହାକୁ ତୁମେ ମିଥ୍ୟା କହିପାର ଅବା ପ୍ରତାରଣରେ ଆଖ୍ୟା ଦେଇପାର । ମୁଁ ଗୋଟିଏ ସାତକଥା କହିଛି ଯାହା ମୋର ସମସ୍ତ ମିଥ୍ୟା କଥାକୁ ଧୌତ କରିପାରିବ, କହିଲେ ନିତ୍ୟା ।

ସେହି ସତ୍ କଥାଟି କ'ଣ ଥରେ କହିବ କି, କହିଲେ ସୁରୁଚି । ତୁମେ ମାୟାରେ ରୁହ; କିନ୍ତୁ ମାୟା ତୁମକୁ ଗ୍ରାସ ନ କରୁ । କିନ୍ତୁ ତୁମକୁ ତ ମାୟା ସମ୍ପୂର୍ଣ୍ଣ ମାତ୍ରାରେ ଗ୍ରାସ କରିଛି । କହିଲେ ନିତ୍ୟା । ମୁଁ ତୁମକୁ ଅଭିଶାପ ଦେବି, କହିଲେ ସୁରୁଚି ।

ନିତ୍ୟା ଏକ ତାଚ୍ଛଲ୍ୟ ହସି ହସି କହିଲେ ଅଭିଶାପ ! ବିନା ତପସ୍ୟାରେ ଅଭିଶାପ ଅସମ୍ଭବ । ପୁଣି ମାୟାଜାଲକୁ ଯାଆନ୍ତୁନୀ , ଫେରିଯାଅ ସନ୍ନ୍ୟାସୀ, ଯିବା ପୂର୍ବରୁ ଆହୁରି ଗୋଟିଏ କଥା କହିଯାଉଛି, କାମ, କ୍ରୋଧ, ଲୋଭାଦିକୁ ବର୍ଜନ କରି ଯିଏ ସାଂସାରିକ ହୁଏ ସେହି ପାଏ ନିତ୍ୟ ସୁଖ, ଏ କଥା କହି ନିତ୍ୟା ଉର୍ବଶୀ ରୂପ ଧରି ଅନ୍ତର୍ଦ୍ଧାନ ହୋଇଗଲା ।

ସେହିଠାରେ ଠିଆହୋଇ ଋଷି ସୁରୁଚି ନିଜର ଅତୀତ କଥା ସ୍ମରଣ କରି ଦୁଃଖ ଅନୁତାପ ଅଗ୍ନିରେ ଜର୍ଜ୍ଜରିତ ହେବାକୁ ଲାଗିଲେ । ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବହିଯାଉଥାଏ ।

ପୂର୍ବଦିଗରେ ପାଟଳ ବର୍ଣ୍ଣାଳିର ଆଭାସ ଆସନ୍ନ ପ୍ରଭାପ୍ରାୟ ନୂପୁରର ଦ୍ରୁତ ଶବ୍ଦ ଧୀରେ ଧୀରେ ମିଳାଇଯାଉଛି ଠିକ୍ ଏକ ବେଦନା ବିଷର୍ଣ୍ଣ ବିଦାୟୀ ଶିଶିରସିକ୍ତ ରାତ୍ରିପରି ।

ନୂପୁରର ଛମ୍ ଛମ୍ ଶବ୍ଦରେ ସୁରୁଚିଙ୍କର ହୃଦୟକନ୍ଦର ବିଦୀର୍ଣ୍ଣ ହୋଇଉଠିଲା । ଦୀର୍ଘ ସମୟ ପରେ ମନେପଡିଗଲା ସେହି ନିଷ୍ପାପ କମନୀୟ ମୁଖମଣ୍ଡଳରେ ଟେନା ଟେନା ହସ, କାହାନ୍ତି ସେମାନେ ? ଲମ୍ବା ଲମ୍ବା ପାଦ ପକାଇ ଗହନ ଅରଣ୍ୟ ମଧ୍ୟରେ ଅଦୃଶ୍ୟ ହୋଇଗଲେ ମହର୍ଷି ସୁରୁଚି ।



EMERALD
EDUCATION
+2 Science
+3 Science
(Hons & Pass)

Hostel For Boys & Girls
SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

# ମଲା ପରେ ବି ମଣିଷ କଥା କୁହେ

ମୋହନ ଚନ୍ଦ୍ର ସ୍ୱାଇଁ

ରେଖା ଧକେଇ ଧକେଇ କାନ୍ଦୁଛି । ଆଖି କୋଣରୁ ଧାର ଧାର ହୋଇ ଲୁହବୁନ୍ଦାଏ ନିଗିଡି ପଡୁଥାଏ । ତା'ର ଯୁବତୀ ମନଟାରେ ନିଆଁ ଲାଗିଯାଇଛି । କାହିଁକି କାହିଁକି ସେ ବିଳାପ କରୁଛି । ସେ କ'ଣ ଏଇମିତି ଭୁଲ୍ କରିଛି ? ନା, ଯୌବନର ଉଚ୍ଛୁଙ୍ଖଳ ମନଟା ଭୁଲ୍ କରି ଅବାଟକୁ ନେଇଯାଇଛି । ସେ କେବଳ ଅତୀତକୁ ଭାବୁ ଭାବୁ ଆଖିକୁ ଲୁହ ଆସିଯାଉଛି । ସବୁ ଝିଅମାନେ କ'ଣ ଏଇମିତି ଭୁଲ୍ କରିଥା'ନ୍ତି ? ନା, ସେ କେବଳ ଜାଣି ଜାଣି ଭୁଲ୍ କରି ପକେଇଛି ।

ପାଠ ପଢୁଆ ଝିଅ । କୋଉ ଯୁବକକୁ ଭଲପାଇ, ତା' ହାତଧରି ଚାଲିଯାଇଥିଲେ ବେଶ୍ ଭଲ ହୋଇଥାନ୍ତା । ବାପମାଆଙ୍କ କଥାକୁ କାଟି ନା ପାରି ରସାନନ୍ଦଙ୍କ ହାତରେ ଛନ୍ଦି ହୋଇଗଲେ । ତା'ର ପରିଣାମ କିଏ ଭୋଗିବ ? କେବଳ ରୋଦନ କରି କରି ଜୀବନ ଚାଲିଯିବ । ତା' ଅକପଟ ହୃଦୟରେ କରୁଣ ଦୁଃଖକୁ ଆଗରେ ବଖାଣି ବସିବ ।

ବିଶାଖା ଡାକ ଛାଡୁଥାଏ, ରେଖା, ରେଖା, ଆଲୋ –ତୋ'ର କ'ଣ ଦିଇଦିନ ହେଲା ଦେଖାମିଳୁନି ।ନଈ ତୁଠରୁ ମୁଁ ଏକଲା ଏକଲା ଫେରୁଛି ।

-ରେଖା ଆଖିରୁ ଲୁହାପୋଛି ପକେଇ ଅବଶ ଶରୀରକୁ ସତେଜ କରି ଛିଡାହେଲା କେହି ଯେମିତି ନ ଜାଣୁ ଦୁଃଖ ସନ୍ତାପରେ ପଡି କାନ୍ଦୁଛୁ ।

ବିଶାଖ ରେଖାକୁ ଦେଖିଲାରୁ ହାତକୁ ଧରିପକେଇ କହିଥିଲା, ଆଲୋ ହେ, ତୁ କ'ଣ କରୁଥିଲୁ କି ? ମୁଁ କେତେବେଳୁ ଆସିଲିଣି ।ଡାକ ଛାଡୁଛି, ତୋ' କାନକୁ କ'ଣ ଆଦୌ ଶୁଭୁନାହିଁ ନା ? କେତେ ଖୋଜିଲିଣି ...... ହୁଁ ।

ରେଖା କହିଥିଲା-ନାଇଁ ମ ସାଙ୍ଗ, ମୁଁ ଏଇଠି ପଡା ଅଛି ।ମାଆ କ୍ଷୀର କେରାକା ଯୋଗାଡିଦେବାକୁ କହିଲେ ତ, ସେଇଥାକୁ ବନଉଥିଲି ।

-ଆଁ –ହେ, ସତେନା କଣ ଲୋ ।ଆଲୋ –ହେ ତୁ କାନ୍ଦୁଥିଲୁ କି ଲୋ ।କ'ଣ ତୋ' ଆଖି ଦିଇଟା ନାଲିପଡିଯାଇଛି ।ସତ କହ, ତୋ'ର କ'ଣ ହେଉଛି ?

-ନାଇଁ ମ, କ'ଣ ଆଉ ହବ ।ସେଇ ଅତୀତ ଇତିହାସର ଜାହାଙ୍ଗୀର ଏବଂ ନୁର୍ ଜାହାନଙ୍କ ସମ୍ପର୍କକୁ ପୁନୁରାବୃତି କରି କରି ଖାଲି ଆଖିରୁ ପାଣି ଟୋପା ଟୋପା.....

-କହିପାରିଲାନି ରେଖା ।ଖାଲି କୋହ ଉପରେ କୋହ ।କମିତ ହୃଦୟରେ ଅଫୁଟା କାଢିବେ ପରି ଝୁଲୁଥିଲା ଲଙ୍କା ଡାଳରେ ।

ବାପମାଆ କିଛି ବୁଝିଲେ ନାହିଁ ।ତୁ ତ ଜାଣୁ, ମୋତେ କେତେ ଚେଲବସରରେ ବାପାମାଆ ବଢେଇଥିଲେ ।ଶେଷରେ ଯୌତୁକ ଭୟରେ ଗୋଟେ ମାତାଲ ଶରାରକୁ ଟେକିଦେଲେ ।ମୁଁ ତାଙ୍କୁ କିପରି ସନ୍ତୁଷ୍ଟ କରିଥା'ନ୍ତି ଯେ ? ପରିବାରର ଶାଶୂ, ଶ୍ୱଶୁର, ଦିଅର,ନଣନ୍ଦ ସମସ୍ତେ ଭଲ ।

-ହେଲେ........

-ହେଲେ କ'ଣ ଲୋ...........

ମୁଁ ଯାହାଙ୍କ ହାତଧରି ବାହାହେଲି, ସିଏ ଭାରି ମଦ୍ୟପ ।ମଦ ଣ ହେଲେ ବଞ୍ଚିପାରିବେ ନାହିଁ ।ବାପା କେତେ କୁଆଡୁ ପଇସା ତୁଣ୍ଡେଇ ମୋ' ବାହାହେଲି, ସିଏ ଭାରି ମଦ୍ୟପ ।ମଦ ନ ହେଲେ ବଞ୍ଚିପାରିବେ ନାହିଁ ।ବାପା କେତେ କୁଆଡୁ ପଇସା ତୁଣ୍ଡେଇ ମୋ' ବାହାଘର କଲେ ।ସେ ଦୁଃଖ ମେଣ୍ଟିନାହିଁ ।ତା'ପରେ ମୋତେ ଭର୍ତ୍ସନା କରି ଅନେକ କଥା କୁହନ୍ତି ।ମୁଁ ଯୋଉଟା ନ ଶୁଣିବି, ମୋ' ପ୍ରତି ଅତ୍ୟାଚାରର ସୀମା ଟପିଯାଏ ।ମୋତେ ବାରମ୍ବାର ତାଗିଦ୍ କରି କହନ୍ତି ।

-ଦେଖ, ମୋ ପାଖରେ ପଇସା ନାହିଁ ।ତୁ ଯାଉନୁ, ତୋ' ବାପାଙ୍କଠାରୁ କିଛି ପଇସା ଆଣିବୁ ?

ଏଇମିତି ସତପାଞ୍ଚଥର ଯାଇ ବାପା ବୋଉଙ୍କୁ ବାହାନା ଦେଖେଇ କିଛି କିଛି ଆଣିଦିଏ ।ସବୁକୁ ମଦ ଖାଇବାରେ ଉଡେଇ ଦିଅନ୍ତି ରସାନନ୍ଦ ।ସ୍ୱାମୀ ସିଏ ।କ'ଣ ଆଉ କହନ୍ତି ।ଲୋକେ କ'ଣ କହିବେ ? ସବୁକୁ ପେଟ ପିଠିରେ ମାରି ସମୟ କଟାଇନିଏ ।

କେତେଥର ଭାବିଲାଣି, କୁଆଡେ ପଳେଇଯିବି ।ପୁଣି ଭାବେ ମୁଁ ପରା ଓଡିଆ ଘରର ଝିଅ ।ଅନେକ ବୁଝେଇଛି ମନକୁ ।ହେଲେ ଫଳ କିଛି ହେଲାନି ।ଅନେକ ମାଡଗାଳି ଖାଇଛି ।ମୋର ସୁକୁମାରୀ ଦେହ ପାଖୁଡାଗୁଡାକ ଟାଣୁଆ ଖରାକୁ ସହି ନ ପାରି ମୁନ୍ଦି ହୋଇଯାଏ ।ସ୍ୱାମୀ-ସ୍ତ୍ରୀଙ୍କର ସ୍ନେହ ଆଦର ସୁଖମୟ ନ ହୋଇ ଦୁଃଖର ଯନ୍ତ୍ରଣାରେ ଘାରି ହୋଇ ସମୟ କଟିଯାଇଛି ।

-କିଏ ଜାଣିଥିଲା, ମୋ' ବାପା ପ୍ରହ୍ଲାଦ ଶିବଙ୍କୁ ଛାଡି ବିଷ୍ଣୁଙ୍କୁ ପୂଜା କରୁଥିଲେ । ମାଆ ତାରିଣୀ ଜାଣିଥିଲେ, ଶିବଙ୍କୁ ପୂଜା କଲେ ମହାପୁଣ୍ୟ ଫଳ ମିଳେ ।ସେଥିପାଇଁ ସୋମବାରଦିନ ମାଆ ଶିବଙ୍କ ମଥାରେ ବେଲପତ୍ର ଚଢାନ୍ତି ।କାରଣ ମୁଁ ତାଙ୍କର ଏକମାତ୍ର ଝିଅ, କେମିତି ଭଲରେ ଭଲରେ ଶଶୁଘରେ ରହିବି ।

ରସାନନ୍ଦଙ୍କ ଆବଶ୍ୟକ ଟଙ୍କା ।ଚରିତ୍ରହୀନ ରସାନନ୍ଦ ।ସ୍ୱାମୀ ହେଲେ କ'ଣ ହେବ, ମୋ' ବାପା ସିନା ବିବାହ କରାଇଦେଲେ ଅଗ୍ନିଦେବତାଙ୍କୁ ସାକ୍ଷୀ ରଖି, ହେଲେ ମୋତେ ଚରିତ୍ରହୀନା କରିଦେଲେ ।ଅଗ୍ନିଦେବ ତାଙ୍କୁ ସାକ୍ଷୀ ରଖିଲି ସିନା, ସ୍ୱାମୀ ହେଲେ କ'ଣ ହେବ, ମୁଁ ସେପରି ଚରିତ୍ରହୀନକୁ ସ୍ୱାମୀ ରୂପେ ସ୍ୱୀକାର କରିପାରିବିନି ଏହା ମୋ' ଅନ୍ତର କହୁଛି ।ଦାମ୍ପିକତା କାହାରି ରହି ନହିଁ କି ରହିବ ନାହିଁ କି ରହିବ ନାହିଁ କି ରହିବ ନାହିଁ ।ମଦ-ନାରୀ , ଚରିତ୍ରକୁ ନଷ୍ଟ କରିଦିଏ ।ଗୋଟିଏ ପକ୍ଷରେ ନାରୀ ଯଦି ସହିଷ୍ଣୁ ହୋଇଥିବ, ପୁରୁଷ ଯେତେ ଦୁଷ୍ଟ ହେଉ ପଛକେ ସ୍ତ୍ରୀର କଥାପଦକ ଚନ୍ଦନ ସ୍ୱରୂପ କାର୍ଯ୍ୟ କରେ ।ହେଲେ ରସାନନ୍ଦର ପୌରଷତ୍ୱ ସାଙ୍ଗସାଥିଙ୍କ ସହିତରେ ନଷ୍ଟ ହୋଇଯାଇଛି ।ତା 'ର କାରଣ –ଅନେକ ଚେଷ୍ଟାକରି ଖୋଜିପାଇଛି ।

ତୋତେ ସବୁ ଖୋଲି କହୁଛି ଶୁଣ .....

ଏତିକି ଶୁଣିସାରିଲା ପରେ ବିଶାଖା ଚିତ୍କାର କରି ତଳେ ପଡିଗଲା ଏବଂ ବକିବାରେ ଲାଗିଲା ।ଯାହା ମନକୁ ଆସିଲା କହିବାକୁ ଲାଗିଲା ।

–କେବଳ ଝୁଲୁଥାଏ ତ ଝୁଲୁଥାଏ ।

–ରସାନନ୍ଦ କେଉଁ ଏକ ଝିଅକୁ ବିବାହ କରିଥିଲା ।ସେ ସ୍ତ୍ରୀଟି ଏଇକୁ ଭଲପାଇ ନିଜ ସ୍ୱାମୀକୁ ପରିତ୍ୟାଗ କରି ଚାଲିଗଲା ।ତା'ରି ପାଦରେ ପଡି ମଦ ଖାଇ ମସଗୁଲ ହୁଅନ୍ତି ରସାନନ୍ଦ ।ସ୍ୱାମୀ ତା' ସ୍ତ୍ରୀକୁ ଛାଡପତ୍ର ଦେଇଦେଲେ ।ସ୍ତ୍ରୀଟି ମୋର ଥରେ ଦୁଇଥର ସାକ୍ଷାତ୍ ହୋଇଥିଲା ।

ବିଶାଖା କହିଲା- ଆଲୋ ହେ ବୋକୀ, ତୁ ତାକୁ ପିଟି ପିଟି ବାହାର କରିଦେଲୁନି ।–ହଁ, ମୁଁ ସେ ସ୍ତ୍ରୀଟିକୁ ଅନେକ ବୁଝେଇଛି ଏବଂ କହିଛି, ଦେଖ ଭଉଣୀ-ତୁମର ଦୁଇଟି ପିଲା ।ତୁମ ସ୍ୱାମୀ ଚାକିରି କରିଛନ୍ତି, ଆଉ ତୁମେ ବି ! ତୁମେ ଏପରି କାର୍ଯ୍ୟ କରନି ।ମୋ' ସଂସାରରେ ନିଆଁ ଲଗାଅନି ।ମୁଁ ପରା ତୁମରି ପରି ନାରୀଟିଏ ।ତୁମର କ'ଣ ଦୟା ନା ହିଁ ମୋ ପ୍ରତି ?

– ସେ ମୋତେ କ'ଣ କହିଲା ଜାଣୁ ?

- କହିଲା, ତୋର ଯଦି ମନ ହେଉଛି, ତୁ ତାଙ୍କ ପାଖକୁ ଚାଲିଯାଉନୁ ବେଶ୍ ଭଲରେ ରହିବୁ ।ସେ ଗୋଟେ ମାଇଚିଆ ।ନପୁଂସକ.....,ଆଉ ଏଚ୍.ଆଇ. ଭି. ରୋଗୀ ।

-କହିଲି, ଦୋଚାରୁଣୀ, ବ୍ୟଭିଚାରିଣୀ, କୁଳଟା ।ଛିଃ ଛିଃ –ତୋ' ପରି ମୁଁ ଅସତୀ ବେଶ୍ୟା ନୁହେଁ ।ମୁଁ ବରଂ ଦାଣ୍ଡରେ ଭିକାରୁଣୀ ହୋଇ ବୁଲିବି, ନ ହେଲେ ଜୀବନ ହରେଇଦେବି ।ଏଇଆ କରିବି ? ନାରୀ ଜାତିର ଗୁଣ କ'ଣ ଜାଣୁ....ସତୀତ୍ୱ, ସ୍ନେହ, ଭକ୍ତି, ଶ୍ରଦ୍ଧା, କ୍ଷମା ।କଳଙ୍କିନୀ ।ପୁଅ ଝିଅ ଦିଇଟା ଜନମ କରି ବେଶ୍ୟାବୃତ୍ତି କରୁଛ, ଛି ଛି ?

ସି.ବି.ଆଇ.କୁ ଜଣେଇଦେଲି ।ଚାକିରିରୁ ଛଟେଇ ହୋଇଗଲା ।ଏବେ ଆଉ ସେ ଗରମ ସଉକ ନାହିଁ ।ଛିଡା ମଇଳା ଶାଢ଼ି ପିନ୍ଧି ଘରକୋଣରେ ସଢୁଛି ।ପିଲା ଦିଇଟା ଏଣେତେଣେ ବୁଲୁଛନ୍ତି ।

ପୁଣି ବିଶାଖା କହିଲା-ଜେଲ ଯାଉଥିଲେ ପଛେ ଯାଉଥାନ୍ତି ।ମୁଁ ତାକୁ କଟୁରୀରେ ଚୋଟେ ମାରିଥା'ନ୍ତି । ସେପରି ମଣିଷ ଏ ସମାଜରେ ରହିଲେ ସମାଜ କଳୁଷିତା ହୋଇଯିବ ।ମୋ ଶାଶୁ ଶ୍ୱଶୁର ମୋତେ ଅନେକ ତାଗିଦ୍ କରିଛନ୍ତି ।ମୋତେ ସାନ୍ତ୍ୱନା ଦେଉଛନ୍ତି ।କ'ଣ କରିବି, ଶେଷଥରକ ପାଇଁ ମୁଁ ବାପାଙ୍କୁ ଡକେଇ ସବୁ କଥା କହିଲି ଏବଂ ଟଙ୍କା ମାଗିଲି ।ବାପା କହିଲେ – ଚାଲେ ଏଠୁ ପଳାଇଚାଲେ ।ଏ ରାକ୍ଷସ ତୋତେ ମାରିଦେବ ।ଏଟା ମଣିଷ ନୁହେଁ-ପଶୁ ।ବରଂ ମୁଁ ତୋତେ ପୋଷିବି !

ମୋର ତ ପିଲାପିଲି କିଛି ହୋଇ ନ ଥିଲେ ।ରସାନନ୍ଦ ସେ ସ୍ତ୍ରୀ ଲୋକଟା ଠାରୁ ମୋ' କଥା ସବୁ ଶୁଣିନେଲା ।

ସେଦିନ ମଙ୍ଗଳବାର ।ଅମାବାସ୍ୟା ତିଥି ।ମନଟା କେମିତିକା କେମିତିକା ଗୋଡେଇ ତୋଡେଇ ହେଉଥାଏ ।ମୋ ସାଙ୍ଗକୁ ଅନେକ ଖୋଜିଲି ।କାରଣ ଦୁଇଜଣ ବସି କିଛି କିଛି ଦୁଃଖସୁଖ କଥା ବକି ହୋଇ ରାତିଟା କଟାଇଥାନ୍ତୁ ।ହେଲେ ଡାକିବାକୁ ସାହସ ହେଲାନାହିଁ । ମନେହେଉଥାଏ, ଯେମିତି ମୋ' ଚାରିପାଖରେ ଗୋଟିଏ ଭୂତ ଘୁରିବୁଲୁଛି ।ମୁଁ ଆଖି ମୁଦି ଶୋଇବାକୁ ଚେଷ୍ଟା କଲି ।ରାତି ଅଧବେଳକୁ ମୋ' ଶୋଇଲାଘରର

କବାଟକୁ ଠକ୍ ଠକ୍ କରାଗଲା ।ମୋ ଛାଇ ନିଦଟା ଭାଙ୍ଗିଗଲା ।ଘର ଭିତରେ ଦୁଇଟାରିଟା କୁକୁକୁଲିଆ ପୋକ ଆଲୁଅ ଜାଳି ଉଡି ବୁଲୁଥାନ୍ତି ।କବାଟ ଖୋଲି ଦେଖେ ତ, ସିଏ ଏବଂ ସେଇ ସ୍ତ୍ରୀ ଲୋକଟି ଛିଡା ହୋଇଛନ୍ତି ।କହିଲି, ଏତେ ରାତିରେ...... ସ୍ତ୍ରୀଲୋକଟା ମୋ' ପାଟିରେ ଗୋଟେ ଲୁଗାବିଣ୍ଡା ଗୋଞ୍ଜିଦେଇ ଧରିଲା ।ରସାନନ୍ଦ ମୋ' ବେକକୁ ଗୋଟେ କତୁରୀରେ ଚୋଟେ ମାରିଲେ ।ମୁଁ ତଳେ ପଡିଗଲି ।ଘରଯାକର ରକ୍ତରେ ସୁଅ ।କବାଟ ଖୋଲି ବାହାରି ଆସୁ ଆସୁ ସ୍ତ୍ରୀ ଲୋକଟି ତଳେ ପଡିଗଲା ।ମୋ' ଦିଅର ରଘୁନାଥର ଘରୁ ପାଟି ଶୁଣି ଧାଇଁଆସିଲେ ।ଶ୍ୱଶୁର ଶାଶୂ ଉଠିପଡିଲେ ।ରସାନନ୍ଦକୁ ଏବଂ ସେ ସ୍ତ୍ରୀ ଲୋକଟାକୁ ଜାବୁଡି ଧରିନେଲେ ।ସେମାନେ ବି ଚୋଟେ ଦି' ଚୋଟେ ଖାଇଛନ୍ତି ।

- ବିଶାଖା କହୁ କହୁ ଆଉ କହିପାରିଲାନି ।ଥରି ଥରି ତଳେ ପଡିଗଲା । ସି.ବି. ଆଇ. ଏବଂ ପୁଲିସ୍, ମନ୍ତ୍ରୀ-ନେତା ଛିଡାହୋଇ ଶୁଣୁଥାନ୍ତି । ରସାନନ୍ଦ ଏବଂ ସ୍ତ୍ରୀ ଲୋକଟିକୁ ଆରେଷ୍ଟ କରାଗଲା ।

ଏଇ ତଥ୍ୟଗୁଡିକ ରସାନନ୍ଦକୁ ପଚରାଗଲା । ଠିକ୍ ମଣିଷର ତ ଆତ୍ମା ପରି କହୁଥିଲା ବିଶାଖା । ସବୁ ମାନିଗଲା ରସାନନ୍ଦ ଏବଂ ସ୍ତ୍ରୀ ଲୋକଟି । ଏବେବି ବିଚାର ଚାଲିଛି ଖଣ୍ଡପଡା ନୟାଗଡ ଜିଲ୍ଲାର କୋର୍ଟରେ । ବାରବାଟୀ ଗାଁର ଏ କାହାଣୀ, କାହାଣୀ ନୁହେଁ, ସତ୍ୟର ସନ୍ଧାନ ନିଆଯାଇଛି । ସମସ୍ତଙ୍କ ଅନ୍ତରକୁ ଥରହର କରିପକେଇଛି..... ମଲା ପରେ ବି ମଣିଷ କଥା କୁହେ........ ।




# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English And also M. A. Entrance, (Pol. Science)**

Contact : 9861462581, 9861816123

# ନିରାଶ୍ରୟ ମାଂ ଜଗଦୀଶ ରକ୍ଷ

ବିପଦ ଭଞ୍ଜନ ମିଶ୍ର

ବାହାଘର ମାତ୍ର ଗୋଟିଏ ବର୍ଷ ପୂରିନି, କୋଳରେ ଗୋଟିଏ ଛୁଆ ।ବେକାରି ଜୀବନରେ ନା ଅଛି ଆନନ୍ଦ, ନା ଅଛି ଉଲ୍ଲାସ ।ସବୁବେଳେ କିଛି ନା କିଛି ଅଭାବ ।ତେଲ ଲୁଣର ସଂସାରକୁ ଭରଣା କରିବା ଭାରି କଷ୍ଟ ।ତା'ପରେ ଆଜି ପିଲାକୁ କାଶ ତ କାଲି ଝାଡ଼ା ।ବେଢ଼ି ଉପରେ କୋରଡ଼ା ପରି ବନ୍ଧୁବାନ୍ଧବଙ୍କ ଗଞ୍ଜଣା ବି ଦିନକୁଦିନ ବଢ଼ିବାରେ ଲାଗିଛି ।ବେଳେବେଳେ ଦୟାନନ୍ଦବାବୁଙ୍କୁ ମନ କରୁଛି ଘରଛାଡ଼ି କୁଆଡ଼େ ପଳାଇବେ ।ବିଦେଶରେ ରହି କିଛି ରୋଜଗାର କରିବେ ।ଘରେ ବସିଲେ ତ ପେଟଟା ଆପେ ଆପେ ପୂରିଯିବାନି, ହେଲେ ସଂସାର ଶିକୁଳିଟା ସବୁବେଳେ ପଛରୁ ଟାଣି ଧରୁଛି ।ମନେପଡୁଛି ଗୋଡିଣୀ ମା'ର କାନ୍ଦ କାନ୍ଦ ମୁହଁ,"ମୁଁ ଆଉ ବେଶୀଦିନ ବଞ୍ଚିବିନିରେ"।ଅସହାୟ ବାପାର ଲୁହ ଛଳ ଛଳ ଆଖି, ଟିକି ପିଲାର ନାଲି ଓଠର ନାଲି ଟୁକୁଟୁକୁ ହସ, ଆଉ ଭାହାଧର କାନ୍ଦ, ସର୍ବୋପରି ସହଧର୍ମିଣୀଙ୍କ କ୍ରୋଧ ଓ ଅଭିମାନଭରା ଚାହାଣି ।କ'ଣ କରିବେ ସେ କିଛିଭାବିପାରନ୍ତି ନାହିଁ ।ଅଟକିଯାଆନ୍ତି ସମାଜର ଦୋଛକି ରାସ୍ତାରେ,ନୀରବ ଓ ନିଶ୍ଚଳ ହୋଇ ।ଘାଣ୍ଟୁ ପାଲଟିଯାଏ ତାଙ୍କ ପୁରୁଷତ୍ୱ କାନ ଶୁଣେ, ସହିପଡ଼ିଶା, ସାଙ୍ଗସାଥୀଙ୍କ ବିଦ୍ରୁପ ।ସହିବାକୁ ପଡ଼େ ନିନ୍ଦା,ଗାଳି, ଅପମାନ ଭସନା ବଡ ଦେଉଳର ଜଗନ୍ନାଥଙ୍କ ପରି ନିଜର ଅସହାୟତାକୁ ଦେଖେଇ ।ମନକୁ ବୁଝାଇବାକୁ ହୁଏ,"କେତେଦିନକୁ ମନ ବାନ୍ଧିଛୁ ଆଣ" ଗୀତ ଶୁଣାଇ ଅଶାନ୍ତ ମନକୁ ଶାନ୍ତ କରିବାକୁ ପଡେ କୋଳରେ କୋଳେଇ ନେଇ.....

ହେଲେ କେତେଦିନ, କେତେଦିନ ଏଇମିତି ଅଜଣା ନାଟକରେ ସୂତ୍ରଧର ହେବାକୁ ହେବ ? କେତେ ଆଉ ଛାତିକୁ ପଥର କରି ଗାଳିଗୁଲଜ, ନିନ୍ଦା ଅପମାନକୁ ଚନ୍ଦନ ପରି ଦେହରେ ବୋଳି ହେବ ସେ ।ଜଗନ୍ନାଥ ସିନା କାଠରେ ଗଢ଼ା, ମନ ବୋଲି ତା'ର ସିନା କିଛି ନାହିଁ, ହେଲେ ଇଏ ପରା ମଣିଷ,ଶରୀରଟା ପରା ରକତ ମାଂସରେ ତିଆରି ।ପାଞ୍ଚ ମନ ଓ ପଚିଶ ପ୍ରକୃତି ପରା ତା' ଭିତରେ ବସା ବାନ୍ଧିଛନ୍ତି ।ସେମାନଙ୍କୁ କେମିତି ବଶ କରିବ ।ବେଳେବେଳେ ସେ ଅସ୍ଥିର ହୋଇଉଠେ ।ବୋଲାମାନେନା ତା'ର ବୋଲକରା ମନଟା ।ଉତ୍ତେଜିତ ମନକୁ ବୋଧ ଦେବାକୁ ଯାଇ ଉପରକୁ ଉଠି ଯାଆନ୍ତି ସୀମାହୀନ ଭାବରେ ତାର ହାତ ଦୁଇଟା ।ସୃଷ୍ଟିକରି ବାସନ୍ତି କିଛୁ ଅଭାବନୀୟ ଘଟଣା ଅଶାନ୍ତ ବାତାବରଣ ।ଶେଷରେ ପ୍ରଶମିତ ହୁଏ ମନର ବାଡବାଗ୍ନି, ଶାନ୍ତ ପଡେ ବାତାବରଣ ।ହେଲେ ଧୀରେ ଧୀରେ ହଜିଯାଏ ମନରୁ ମଧୁରତା, ବିଶ୍ୱାସ ବଳିପଡନ୍ତି କେତେକ ଆସବାବପତ୍ର.....

କିନ୍ତୁ ! ଆଜିର ଘଟଣା, ସବୁଦିନଠାରୁ ଥିଲା ଅଲଗା ।ଆଜିର ସକାଳ ଏକ ଭିନ୍ନ ସକାଳ ଥିଲା ।ଆଜିର ସୂ ସୂର୍ଯ୍ୟୋଦୟ କିରଣ ନ ଥିଲା ନରମ, କି ସୁଖଦାୟକ, ଯଦିବା ଏହା ଥିଲା ନୂଆବର୍ଷର ନୂଆଦିନ ।ଗତ ରାତିରୁ ସ୍ତ୍ରୀର ଜିଦ୍ ସେ ତାଙ୍କ ଘରକୁ ଯିବ ।ହେଲେ ଭୋରରୁ ଉଠି ଦେଖିଲାବେଳକୁ ମା'ଙ୍କର ଦେହ ଭୀଷଣ ଖରାପ

।ନିଆଁରେ ପାଣି ପଡିଲା ପରି ସବୁ ସରାଗ  ମରିଗଲା ।ହସହସ ମୁହଁରେ ତାଙ୍କର ଫୁଟିଉଠିଲା ଅହେତୁକ କ୍ରୋଧ ।ବଦଳିଗଲା  ତାଙ୍କର  ରଙ୍ଗଗୋଲାପୀ  ଚେହେରା;ସତେଯେମିତି  ସେ  ପାଲଟିଗଲେ  କରୁଣାମୟୀ  ଦୁର୍ଗାରୁ ପ୍ରଳୟଙ୍କରୀ ଚଣ୍ଡୀ  । ତାଙ୍କ ମୁହଁରୁ  ଅନର୍ଗଳ ବାହାରିଲା ଗାଳି ଆଉ ଭତ୍ସନା ।ଫୋପଡା ଚାଲିଲା ଘରକରଣା ଜିନିଷସବୁ ୟାଡେ ସ୍ୟାଡେ ।କେତେ ଯେ ଭାଙ୍ଗିଲା ତା'ର କିଛି ହିସାବବି ରହିଲାନି ।ଠିକ୍ ଏହି ସମୟରେ ଛୋଟ ଛୁଆଟୀ ବିଛଣାରୁ ଉଠି ଛାଡି କାନ୍ଦିବା ଆରମ୍ଭ କରିଦେଲା ।ଖୁବ୍ ଜୋରରେ ରାଗ ଜର୍ଜର ହୋଇ ହାତରେ ଧରିଥିବା ନିଆଁଖୁଣ୍ଟଟା ଧରି ଘର ଭିତରକୁ ଚାଲିଗଲେ ଘରଣୀ ଦେବୀ  ।କାଳେ କିଛି ଅଘଟଣ ଘଟିବ ଭାବି ତାଙ୍କ ପଛେ ପଛେ ଘର ଭିତରକୁ ପଶିଗଲେ ବାପା 'ଦେ ପିଲାଟାକୁ ମୋତେ ଦେ କହି '।କିନ୍ତୁ ଘରାଣୀଙ୍କ ରାଗ ଥିଲା ପଞ୍ଚମରେ ।ସେ କାହାରି କଥା ନା ଶୁଣିବା ଅବସ୍ଥାରେ ନଥିଲେ ।ସେ କହି ଚାଲିଥିଲେ କାହାରି ଦରକାର ନାହିଁ  ।ରଖ ହୋ, ତୁମର ଶୁଖିଲା ସୁହାଗ  ।ମୋ କଥା ମୁଁ ବୁଝୁଛି ।ତା'ପରେ  ଶ୍ୱଶୁର  ଓ ବୋହୂଙ୍କୁ ମଧ୍ୟରେ ବାକବିତଣ୍ଡା ।ବାପା ଯଦିଓ ଧୀରେ ସୁସ୍ଥେ କଥା କହୁଥିଲେ, ଘରାଣୀଙ୍କ  ପାଟି ଥିଲା ଉଚ୍ଚମାନର  ଓ ସୀମା ବାହାରର ।ସେ ସମସ୍ତଙ୍କୁ ଶୁଣାଇଲା ଭଳି କହୁଥିଲେ, ହଁ, ମୋରି ବେଳକୁ ସମସ୍ତଙ୍କର ସବୁ ରୋଗବେରାଗ୍ୟ ।ମୁଁ ଯେମିତି କୁଆଡୁ ଉଡିଆସିଛି ।ହଁ, ତମର ଆଉ କେଉଁ ବଡ ଘର କି, ମୋତେ କହିବ ।ମୋ' ପିଲାକୁ ମୁଁ ମାରିଲି ବା ପିଟିଲି ତମର କ'ଣ ଗଲା ? ତୁମ ବଡ ପଣ ତୁମ ପାଖରେ ।ରଖ ହୋ !ବହୁତ ହୋଇଗଲା  ।ଏଠି  ଆଉ ଚଳିହେବନୀ ସମସ୍ତଙ୍କ ନାଲି ଆଖି ମୋ ଉପରେ, ମୁଁ କାହିଁକି କାହାକୁ ଡରିବି ମୋର ବି ତ ଆତ୍ମସମ୍ମାନ ଅଛି ।ଆସ ତ କିଏ ମୋ ପାଖକୁ ।ମୁଁ କାହାରିକୁ ଆଜି ଛାଡିବିନି ।ଏମିତି ଅନେକ ଅନେକ ।ବଂଶ ପରମ୍ପରାଠାରୁ ଆରମ୍ଭ କରି  ଶିକ୍ଷାଦୀକ୍ଷା ପର୍ଯ୍ୟନ୍ତ.... ।ଶେଷରେ ବାପା କହିଲେ, ହେଉ କ'ଣ କରୁଛୁ କର ।ଛୁଆଟା ଖାଲି ତମର, ଆଉ ଏ ଘରଦ୍ୱାର, ଥରେ ଭାବିକରି ଦେଖେ  ।କ'ଣ ହେଲା ? ମୁଁ ଭାବିବି କାହିଁକି ବା ଏ ଘର ରହିଲା କେତେ ଗଲା କେତେ ? ମୁଁ କହୁଛି ମୋ ପାଖରୁ ଚାଲିଯାଅ, ନ ହେଲେ... ।ନ ହେଲେ ଆଉ କ'ଣ କରିବୁ ? କ'ଣ ଆଉ ଅଛି  ।ଏ ଘରର ମାନ ଇଜ୍ଜତ ସବୁ ତ ଗଲା ।ଆଉ ଅଛି କଣ ? ଦେଖା କ'ଣ ଦେଖାଇବୁ ।ମୁଁ ଏଇଠି ବସିଲି ।ବୋଧହୁଏ ବାପା ପିଲାଟାକୁ ଟାଣିଆଣିଲେ କି କ'ଣ ପିଲାଟି ଜୋରରେ କାନ୍ଦିଉଠିଲେ ।

ବାହାରେ ଆଉ ସମ୍ଭାଳି ହୋଇ ରହିପାରିଲେନି ଦୟାନନ୍ଦବାବୁ ।ଭିତରକୁ ପଶିଗଲେ ।ଆଉ ଭିତରେ ଯାହା ଦେଖିଲେ ତାଙ୍କ ପାଟିରୁ କୌଣସି କଥା ପଦେ ବି ବାହାରିଲାନି  ।ସେ ନିର୍ବାକ୍ ପାଲଟିଗଲେ  ।

ହଠାତ୍ ମୋବାଇଲ ବାଜିଉଠିଲା ' ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରରେ'ଆଉ ତାଙ୍କ ପାଟିରୁ ବାହାରିଆସିଲ ନିରାଶ୍ରୟ ମାଂ ଜଗଦୀଶ ରକ୍ଷ  ।

# ଅମଣିଷ

ସରୋଜିନୀ ମିଶ୍ର

ସୁଭଦ୍ରାଙ୍କ ଦେହ କ୍ରମାଗତ ଖରାପ ରହିବାରୁ ପୁଅ କମଳ ମା'ଙ୍କୁ ନିଜ ଘରକୁ ନେଇଆସିଲେ ।ତାଙ୍କର ନିହାତି ସେବାଯତ୍ନ ଦରକାର ।ଏମିତି ତ ଖାଲି ସମୟରେ ମା' କେବେ ବି ଆସନ୍ତିନି ।ସେମିତି ଅସମୟ ପଡିଲେ ସେ ଆସନ୍ତି ।ସବୁବେଳେ ଘରେ ବାନ୍ଧି ହୋଇଥାନ୍ତି ।ଘର ପ୍ରତି ସୁଭଦ୍ରାଙ୍କ ଅସମ୍ଭବ ମୋହ ।

ଏଥର କିନ୍ତୁ କିଛି ଶୁଣିଲେନି ସେ ।ସ୍ୱାମୀଙ୍କୁ ଛାଡି ଏକୁଟିଆ ପୁଅ ପୁଅ ସାଙ୍ଗରେ ଚାଲିଗଲେ ।ପୁଅ ସାଙ୍ଗରେ ଚାଲିଗଲେ ।ପୁଅ ଫ୍ଲାଇଟ୍ରେ ମା'ଙ୍କୁ ନେଇଗଲା ବମ୍ବେ ।ଘରେ ରହିଲେ ଏକୁଟିଆ ବାପା ଅମରେଶ ।ଡାକ୍ତରଙ୍କ କଥା ଅନୁସାରେ ସୁଭଦ୍ରା ପୁଅ ଘରେ ଶାନ୍ତିରେ ନିଶ୍ୱାସ ନେଲେ ।ଘର ଜଞ୍ଜାଳରୁ ତାଙ୍କୁ ମୁକ୍ତି ମିଳିଗଲା ।ବୋହୂ ଓ ନାତିନାତୁଣୀଙ୍କ ଗହଣରେ ତାଙ୍କ ମନଟା ଖୁସି ହୋଇଗଲା ।ରୋଗଟା ମଧ୍ୟ ଧୀରେ ଧୀରେ କମିବାକୁ ଲାଗିଲା ନାତିନାତୁଣୀଙ୍କ ସାଙ୍ଗରେ ଖେଳିବା ଓ ବୋହୂ ସାଙ୍ଗରେ ମିଶି ରାନ୍ଧିବା ଥିଲା ତାଙ୍କର କାମ ଔ କୌଣସି କାମ ସେ କରନ୍ତି ନାହିଁ ଘରକୁ ଜେନ ଦି'ଜଣ କାମବାଲା ଆସନ୍ତି ବାହାର କାମତକ କରିଦେଇଯାଆନ୍ତି । ଆଉ ଜଣେ ମାଳୀ ଆସେ ବାଡିବଗିଚାରେ କାମ କରେ ।ଜଣେ ଅର୍ଡରଲି ଆସେ ଦୋକାନ ସଉଦା କରେ ।ବାକି ବାସନମଜା ଓ ଘରସଫା ପାଇଁ ସ୍ତ୍ରୀ ଲୋକଟିଏ ସବୁଦିନ ଆସେ ।କାମ କରିଦେଇ ଚାଲିଯାଏ ।ବୋହୂ କେବଳ ରନ୍ଧାବଢା କରି ଅଫିସ୍ ବେଳକୁ ପୁଅକୁ ଗଣ୍ଡେ ଖାଇବାକୁ ଦିଏ ।ଏବେ ସୁଭଦ୍ରା ଯିବାପରେ ପୁଅର ମନ ଜାଣି ପିଠାପଣା,ଜଳଖିଆ, ଖେଚୁଡି ଇତ୍ୟାଦି କରନ୍ତି

ଏମିତି ଖୁସିବାସି ଭିତରେ ଚାରିମାସ କଟିଗଲା ।ସୁଭଦ୍ରା ଏଥର ଘରକୁ ଫେରିବା ପାଇଁ ଭାବିଲେ ଘରେ ଏକୁଟିଆ ଅମରେଶ ।କ'ଣ କରୁଥିବେ, କ'ଣଖାଉଥିବେ କିପରି ଚାଲୁଥିବେ ।ତାଙ୍କ କଥା ଭାବୁଥିଲେ ସୁଭଦ୍ରା ।ଏତେଗୁଡେ ଦିନ ସେ କେବେହେଲେ ଘରଛାଡି ପୁଅ ପାଖରେ ରହିନାହାନ୍ତି ପୁଅ କମଳକୁ କହିଲେ,'ମୁଁ ତ ଆସିବା ଅନେକଦିନ ହୋଇଗଲାଣି ଏଥର ମତେ ନେଇ ଘରେ ଛାଡିଦେ'।ନ ହେଲେ ଟ୍ରେନରେ ଏ.ସି.ଟିକେଟ୍ କରିଦେ' ମୁଁ ଯାଇ ଘରେ ପହଞ୍ଚିଯିବି ।କାହାକୁ କହିଲେ କିଏ ଆସି ମତେ ଷ୍ଟେସନ୍ ରୁ ନେଇଯିବ ।ପୁଅ ପ୍ରଥମେ ମନ କଲା ପୁଅ କହିଲା, ମା' ତୁମେ ଏବେ ଯାଅନି ।ତୁମ ଦେହ ଏଠାରେ ଭଲ ରହୁଛି ।ଆଉ କିଛିଦିନ ରହିଯା ।ପୂରା ଭଲ ହୋଇଗଲେ ମୁଁ ତୁମକୁ ନେଇ ଛାଡିଦେବି ।ସୁଭଦ୍ରା କିନ୍ତୁ ଆଉ ରହିବାକୁ ମଙ୍ଗିଲେନି ।ଏତେଦିନ ରହିଲେଣି ।ଆଉ କେତେଦିନ ରହିବେ, ଘର କଥା ଭାବିବାକୁ ବସିଲେ ।

ମା'ଙ୍କ କଥାକୁ କାଟିଦେବ ବା କିପରି ? ପୁଣି ଯାଇ ମା'ଙ୍କୁ ଛାଡିଦେଇ ଆସିବାକୁ ପଡିବ ଫ୍ଲାଇଟ୍ରେ ଟିକେଟ୍ କଲେ ସାଙ୍ଗରେ ବୋହୂ ଓ ପିଲାମାନେ ବି ଯିବେ ।ପୂଜାଛୁଟିରେ ସମସ୍ତେ ଆସି ଭୁବନେଶ୍ୱରରେ ପହଞ୍ଚିଲେ

।ସୁଭଦ୍ରା ପହଞ୍ଚିଲେ ନିଜ ଘରେ ।ଅମରେଶଙ୍କୁ ଦେଖି କାନ୍ଦି ପକାଇଲେ କାନ୍ଦଟା ଖୁସିରେ କି ଦୁଃଖରେ ତାହା
ଭରବାଙ୍କୁ ଜଣା ।
ଘରେ ପହଞ୍ଚୁ ପହଞ୍ଚୁ ଘରଟାଯାକର ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା ।ରୋଷେଇଘର,ଠାକୁରଘର, ଛାତ ଉପରେ,
ବାଡ଼ିବଗିଚା ସବୁଆଡ଼େ ଗୋଟେ ଘେର ସେ ବୁଲିଆସିଲେ ।ଘରସାରା ମଇଳାରେ ଭର୍ତ୍ତି ହୋଇଯାଇଥିଲା
।ଅସରପା, ମୂଷା, ବିଲେଇ, ପିମ୍ପୁଡ଼ିମାନଙ୍କର ଘର ପାଲଟିଯାଇଥିଲା ।ଅମରେଶ ଦିନଯାକ ଅଫିସ୍ ରେ
ରହୁଥିଲେ ।ରାତିରେ ଫେରୁଥିଲେ ଘରକୁ ।ଖାଉଥିଲେ ହୋଟେଲରେ ।ଶୋଇବା ଘର ଖଟଟି ବ୍ୟତୀତ
ଆଉସବୁ ଘର ଥିଲା ଅସଜଡ଼ା ।ସୁଭଦ୍ରା ଭାବିପାରିଲେନି ।ଏ ଘରେ ମଣିଷ ରହୁଥିଲେ ନା ଜୀବଜନ୍ତୁ ରହୁଥିଲେ
।ମଣିଷ ରହୁଥିଲେ ଘରଟା ଏପରି ଅପରିଷ୍କାର ହେବ ନାହିଁ ।ପଶୁ ହିଁ ଏପରି କରିପାରେ ।ଘରେ ଜଣେ ମଣିଷ
ଥାଇ ଘରଟା ଏମିତି ହେଲା କିପରି?
ସୁଭଦ୍ରା ଅନୁମାନ କରିନେଲା ।ସେ କମଳଘରକୁ ଯିବାଠାରୁ ଆଜିଯାଏଁ ଘର ଓଳା ହୋଇନାହିଁ ।ଘରେ
ରନ୍ଧାବଢ଼ା ହୋଇନାହିଁ, ଶେଯ ଝଡ଼ା ହୋଇନାହିଁ, ଠାକୁର ପୂଜା ବି ହୋଇନାହିଁ । ବଗିଚାରେ ଗଛଗୁଡ଼ାକ ପାଣି
ନ ପାଇ ମରିଯାଇଛନ୍ତି ।ସୁଭଦ୍ରାଙ୍କର ମୁଣ୍ଡ ଘୂରାଇଗଲା ।ଏତେସବୁ କାମ ସେ କରିବେ ବା କେମିତି ? ସବୁ
ସଜାଡ଼ିବାକୁ ତାଙ୍କୁ ପନ୍ଦରଦିନ କି ମାସେ ସମୟ ଲାଗିଯାଇପାରେ ।ସୁଭଦ୍ରା ମନେ ମନେ ଖୁବ୍ ରାଗିଗଲେ
।ତାଙ୍କ ରାଗଟା ଯାଇ ପଡ଼ିଲେ ଅମରେଶଙ୍କ ଉପରେ ।
କେତେ ଯତ୍ନରେ ଘରଟା ସେ ସାଇତି ରଖିଥିଲା ।ଅଥଚ ଅମରେଶ ତାକୁ କଲେ କ'ଣ ।ଘରଟାକୁ ଭୂତକୋଠି
କରି ପକାଇଲେ ।ଦାୟିତ୍ୱ ବୋଲି ତାଙ୍କର କିଛି ବି ନାହିଁ ।ଘର ସମ୍ଭାଳିବା ଦାୟିତ୍ୱଟା କ'ଣ କେବଳ
ସୁଭଦ୍ରାଙ୍କର । ଆଉ କାହାର ନୁହେଁ ।କେତେ ଫୁଲ ଫୁଟୁଥିଲା ବଗିଚାରେ ।ପାଣି ନ ପାଇ ଗଛସବୁ
ମରିଯାଇଛନ୍ତି ।
ମୃତ ଗଛଗୁଡ଼ାକ ଦେଖି ସୁଭଦ୍ରାଙ୍କ ମନ ମରିଗଲା ।ନିର୍ଦ୍ଦୟତା ମଣିଷକୁ କ'ଣ କରି ନ ପାରେ ।ଭଲ
ହୋଇଥିବା ରୋଗଟା ତାଙ୍କର ବାହାରକୁ ଆସିବ ବୋଲି ପୁଣି ମୁଣ୍ଡଟେକୁଛି ।ସୁଭଦ୍ରାଙ୍କ ହାର୍ଟରୋଗଟା
ପୁଣିଥରେ ଯେମିତି ବାହାରିପଡ଼ିବ ।ଘରଟାକୁ ମାସେ ଲାଗି ସଜାଡ଼ିଦେବେ ।କିନ୍ତୁ ଉଜୁଡ଼ି ଯାଇଥିବା ବଗିଚା ଓ
ମନକୁ କିଏ ବା ସଜାଡ଼ିବ ।ମୃତ ବଗିଚାକୁ ଜୀବନ୍ତ କରିବାକୁ ଛ'ମାସ ସମୟ ଲାଗିଯାଇପାରେ ।ମୃତ ମନକୁ
ଗଢ଼ିବାକୁ ସାରାଜୀବନ ବିତିଯିବ । ତଥାପି ସେ ମନ ବୁଝିବ ନାହିଁ ।ପୁଣି ହାର୍ଟ ରୋଗଟା ।ସେଇଟା ଯଦି ପୁଣି
ବାହାରିପଡ଼େ ।ସୁଭଦ୍ରାଙ୍କ ମନ ବୁଝୁ ନଥିଲା ।ଏମିତି ପରିସ୍ଥିତିରେ ସେ କ'ଣ କରିବେ ।ପାଟି ବନ୍ଦକରି
ରଖିଲେ ।
ଅମରେଶଙ୍କୁ କିଛି ବି କହିଲେ ନାହିଁ ।ତାଙ୍କ ଭାବନା ଓ କଥାରେ ମୂଲ୍ୟ ହିଁ ନାହିଁ ।ନିଜ ସାଧ ଅନୁସାରେ ସେ
କର୍ମରେ ଲାଗିପଡ଼ିଲେ ।ଇଚ୍ଛା କରୁଥିଲେ ପୁଣି ପୁଅଘରକୁ ଚାଲିଯିବାକୁ ।କିନ୍ତୁ ସମ୍ଭବ ନ ଥିଲା ।ଘରର
ଭବିଷ୍ୟତଟା ତାଙ୍କ ଆଖିଆଗରେ ନାଚିଯାଉଥିଲା ସଂସାରରେ କେହି ବି ନାହାନ୍ତି ।ମଣିଷ ନାହାନ୍ତି କି ଦେବତା
ନାହାନ୍ତି । ଅଛନ୍ତି କେବଳ ସେମାନେ, ଯେଉଁମାନେ ଅମଣିଷ ।

# ଦୁଃଖିନୀର ଦୁଃଖ

**ଚୂଡ଼ାମଣି ପାଣିଗ୍ରାହୀ**

ଜୟନ୍ତୀ ନେପାକ । ଚାରିବର୍ଷ ଘରସଂସାର କରିଥିବା ବିଧବା ସ୍ତ୍ରୀ ଲୋକଟିଏ । ସେ ତା' ବାପା, ମା'ଙ୍କର ଏକମାତ୍ର ସନ୍ତାନ । ତା' ଦେହରେ ରଙ୍ଗ କଳା ଧଳା ସମ୍ମିଶ୍ରିତ । ଦୁର୍ବଳ ଶରୀର;ମାତ୍ର ପଚିଶ ବର୍ଷ ବୟସରେ ପଚାଶ ବର୍ଷର ବୁଢ଼ୀଟିଏ ଦେଖାଯାଉଛି।ଦେହରେ ଶତ୍ତା ଧଳା କନ୍ତା ଲୁଗାଖଣ୍ଡିଏ ।ଦେହରେ କୌଣସି ଅଭୂଷଣ ନାହିଁ ।ହାତ, ଗୋଡ, କାନ,ନାକ ଫୁଙ୍ଗୁଳା ।ବହୁତଦିନ ହେବ ତା' କେଶ ଦେହରେ ତେଲ ଟିକିଏ ଲାଗିନାହିଁ ବୋଧେ ।ଚୁନା ଓ ମୁନି ତା' ସ୍ୱାମୀର ଶେଷସନ୍ତକ ଦୁଇଟି ତା' ପାଖରେ ଗୋଟିଏ ପୁଅ ଓ ଗୋଟିଏ ଝିଅ ।

ଜୟନ୍ତୀ ଛୋଟ ବୟସରୁ ହିଁ ଦୁଃଖିନୀ ।ତା' ବାପାରେ ଅଳ୍ପ କିଛି ଜମିବାଡି ଥିଲା ।ତା' ବାପା ଚୁର୍ ଣ ଲୋକଟିଏ ।କମ ଦାମ କିଛି କରିପାରେ ନାହିଁ ।କେବଳ ତାଙ୍କ ଘରେ ମା' ହିଁ ରୋଜଗାର କରୁଥିଲା ।ତା' ଚାଷଜମିକୁ ଭାଗ ଚାଷରେ ଦେଇ ସେଥିରୁ ଯାହା ଭାଗ ପାଏ ତାକୁ ବର୍ଷାଦିନ ପାଇଁ ସଞ୍ଚିରଖେ ।କାରଣ ଗରିବ ଲୋକଙ୍କ ପାଇଁ ଏଇଟା ହିଁ ନିଅଣ୍ଟ ସମୟ ।ସେ ସମୟରେ ତାଙ୍କ ଗାଁ'ର ଅଧିକାଂଶ ଲୋକ ମଳିମୁଣ୍ଡିଆ ।ହାତଗୋଡ ମୁଣ୍ଡର ବାଳ ସବୁ ନୁଖୁରା ।ଅକାଳେ ସକାଳେ ତେଲ ଟିକିଏ ବାଜେ ।ଦିନସାରା ବିଲରେ ପରିଶ୍ରମ କରି ସନ୍ଧ୍ୟାବେଳେ ଘରକୁ ଫେରନ୍ତି ।ସ୍ତ୍ରୀମାନେ ବିଲକୁ କାମ କରିବାକୁ ଗଲା ଆସିଲାବେଳେ ବୁଲି ବୁଲି କିଛି ଶୁଖିଲା କାଠ ସଂଗ୍ରହ କରି ଘରକୁ ଫେରନ୍ତି ।ଗାଧୋଇପାଧୋଇ ଘରକୁ ଆସି ଚୁଲିରେ ନିଆଁ ଧରାନ୍ତି ।ସମୟ ପାଇଲେ ଗୋବରରେ 'କୁଣ୍ଡା' ବୋଲି ଘଷି ତିଆରି କରି ରଖିଥାନ୍ତି ।ତାହା ଶୁଖିଗଲେ ସେଥିରେ ନିଆଁ ଧରାଇ ରାତି ପାଇଁ ଏବଂ କାଲି ସକାଳ ପାଇଁ ।ଟିକିଏ ଲୁଣ, ଲଙ୍କା ହିଁ ସେମାନଙ୍କ ତରକାରିର କାମ କରେ ।କିଛି ବିଲାତିବାଇଗଣ ପୋଡା ଓ ପିଆଜ ଅତି କମ୍ ଦିନ ପାଇଁ ତରକାରିର ରୂପ ନେଇଥାଏ ।ମାଛ, ମାଂସ କଥା ତ ଅଲଗା ।ଡାଲି, ତରକାରି ମଧ୍ୟ ସେମାନଙ୍କ ପାଇଁ ସ୍ୱପ୍ନ ।ଯଦି କିଏ ବଜାର ଯାଇ ଶୁଖୁଆ ମାଛ ଆଣିଥିବ ତେବେ ତାକୁ ପୋଡାଇ ବାସି ପଖାଳରେ ଖାଇଲେ ତାକୁ ଅମୃତ ପରି ସ୍ୱାଦ ଲାଗିଥାଏ ।ଘରେ ଶୋଇବା ସେମନଙ୍କ ଛିଣ୍ଡା ସପ, ଭଙ୍ଗା ଖଟ, ଫଟା ଦରଦରା କାନ୍ଥ, ଖଣ୍ଡେ ଦି'ଖଣ୍ଡ ଚିରା ଶାଢୀ ମାତ୍ର ଥାଏ ।ବର୍ଷାଦିନେ ସମୟ ଅଭାବରୁ ମରାମତି ଅଭାବରୁ କେଉଁଠୁ ଛପର କଣା, ଘରେ ପାଣି ଗଳିବ ରାତିସାର । ଚିରା ଧୋତି କିମ୍ବା ଶାଢୀ ଖଣ୍ଡେ ଘୋଡି ହୋଇ ବସି ରହିବାକୁ ହୁଏ ରାତିସାର ।ରାତିସାର ।ତାଙ୍କ ଆଖିକୁ ନିଦ୍ରାଦେବୀଙ୍କ ଆଗମନ ହୋଇ ନ ଥାଏ ଅଥବା ତା' ପରିବର୍ତ୍ତୀଦିନ ପ୍ରାତଃ ପ୍ରହରୁ ସଞ୍ଜ ପହର ଯାଏ ବିଲରେ ହାଡଭଙ୍ଗା ଖଟଣି ଖଟିଣିକୁ ପଡିଥାଏ ।ଧନ୍ୟରେ ଗରିବ ଜୀବନ ।

ସେମାନଙ୍କ ପାଇଁ ଶୀତଦିନର କଷ୍ଟ ତ ଆହୁରି ଦାରୁଣ ।ରାତିସାରା କାଳୁଆ ଥଣ୍ଡା ପବନ,ଛାତ ତଥା କାନ୍ଥର ଭଙ୍ଗା ଦଦରା କଣଗୁଡିକରେ ଘର ଭିତରକୁ ପଶି ସେଠରେ ଅନିଦ୍ରାଗତ ମଣିଷ, ମାଇପି ଛୁଆମାନଙ୍କ ଦିହହାତ ଗୋଡ ଥରାଇଦିଏ ।ଛୁଞ୍ଚି ଫୋଡିଲା ପରି ଲାଗେ ।ପୂର୍ବରୁ ସଂଗୃହୀତ ଶୁଖିଲା ପତ୍ରକୁ ନିଆଁ ଜାଳି ଦେହକୁ ଉଷୁମ କରି ରାତିସାରା ଚେଇଁ ବୁଲନ୍ତି ।ପୁଣି ସକାଳ ପହରୁ ଥଣ୍ଡା ଥଣ୍ଡା ଥୁରୁ ଥୁରୁ ଦିହରେ ଯା'ଡା ବିଲର କାମ କରିବାକୁ ପଡିଥାଏ ।ସକାଳୁ ମାଇପିମାନେ ବାସି ପଖାଳ, ଲୁଣଲଙ୍କା ଧରି ବିଲକୁ ନେଇ ଦିଅନ୍ତି ତାଙ୍କ ଖାଇବାପାଇଁ ।ତାହା ଖାଇ ପୁଣି ସଞ୍ଜ ପହରଯାଏ ତାଙ୍କୁ ସେଠି କାମ କରିବାକୁ ପଡିଥାଏ ଧନ୍ୟରେ ଗରିବ ମଣିଷର ଜୀବନ ।ଜୟନ୍ତୀର ମା'ହିଁ ତାଙ୍କ ଘରର ପେଟପାଟଣା ଭରିବାର ଏକମାତ୍ର ପାଥେୟ ।କି ଶୀତ, କି ଖରା, କି ବର୍ଷା, ଗାଁ ଲୋକଙ୍କ କ୍ଷେତରେ ଦିନମଜୁରିଆ କାମ କରେ ।ସକାଳେ ବାସି ପଖାଳ କଂସାଏ, କିଛି ଲୁଣ,ଲଙ୍କା ଧରି ବିଲକୁ ଯାଏ ।କାମ ସାରି ସଞ୍ଜରେ ଘରକୁ ଫେରେ ଅନ୍ୟ ମାଇପିମାନଙ୍କ ସାଙ୍ଗରେ । ଜୟନ୍ତୀ ଟିକିଏ ବଡ ହେବା ପରେ ତା'ର ମା'ର ରୋଷେଇ କାମକୁ ନିଜ ହାତକୁ ନେଲା ।ପାଖ ଗୋଚରକୁ ଯାଇ କାଠ ସଂଗ୍ରହ କରେ, ଗୋବରରୁ ଘଷି ତିଆରି କରେ । ଚଉଦ ପନ୍ଦର ବର୍ଷ ହେବା ପରେ ମା' ସହିତ ବିଲକୁ କାମ କରିବାକୁ ଯାଏ ।ବାପା ପାଇଁ କିଛି ବାସି ପଖାଳ, ଲୁଣ,ଲଙ୍କା ଧରି ମା' ଝିଅ ଦୁହେଁ କାମ କରିବାକୁ ଯାଆନ୍ତି ।କାମରୁ ଫେରିଲେ ମା' ଝିଅ ଦୁହେଁ ରୋଷେଇ କରନ୍ତି ।ତା' ବାପାକୁ ଖାଇବାକୁ ଦେଇ ଦୁହେଁ ଖା'ନ୍ତି ।ଜୟନ୍ତୀ କାମ କଲା ପରେ ତା' ଘରର ଅବସ୍ଥା ସାମାନ୍ୟ ଭିନ୍ନ ହେଲା ।ତା' ମା' ତା' ପାଇଁ ଆଜି କଂସାଟିଏ, କାଲି ପିତଳ ଗରାଟିଏ, କେବେ ଚରୁଟିଏ, ଡୁଆଟିଏ କିଣିଲା ।ତାକୁ ବାହାଦେଲେ ଯୌତୁକ ଦେବାପାଇଁ ।ଧୀରେ ଧୀରେ ସମୟ ଗଡିଚାଲିଲା ।ଜୟନ୍ତୀ ଏକ ଯୌବନାବତୀ ରମଣୀରେ ପରିଣତ ହେଲା ।ତା ପାଇଁ ବର ଖୋଜିବାକୁ ହେବ ।ତା' ବାପା ତ ପଙ୍ଗୁ ଅଥର୍ବ ।ଶେଷରେ ଜୟନ୍ତୀର ମା'ତା'ର ଦୂର ସଂପର୍କୀୟ ଜଣେ ବଡ ଭାଇର ପୁଅ ସହିତ, ତାଙ୍କ ଘରକୁ ଯାଇ ଠିକ୍ କଲା ।ପ୍ରଥମେ ସେମାନେ ରାଜି ହେଉ ନଥିଲେ; କିନ୍ତୁ ପରେ ଜୟନ୍ତୀ ବାପା ମା'ର ଗୋଟିଏ ଝିଅ ଏବଂ କିଛି ବିଲବାଡି ଥିବାରୁ ତାଙ୍କ ପୁଅ ଖାଇବ ବୋଲି ହିଁ ଭାବିଲେ ।ଜୟନ୍ତୀର ମା' ଘର ବିକ୍ରି କଲା ତା' ଝିଅର ବିବାହ ଖର୍ଚ୍ଚ ତୁଲାଇବା ପାଇଁ ।ବାହାଘର ବେଳେ କଂସା ବାସନ ଦିଖଣ୍ଡ, ଖଟଟିଏ, ଶୋଫଟିଏ, ବାକ୍ସ ଗୋଟାଏ, ଜୋଇଁ ପାଇଁ ସାଇକେଲ ହାତ ଘଣ୍ଟାଟିଏ ।ଛାଞ୍ଚୁଣୀ କୁଲା ଠାରୁ ଶୀଳ ଶିଳପୁଆ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକରଣା ତା' ଝିଅର ବାହାଘରରେ ଜୟନ୍ତୀର ମା' ଦେଇଥିଲେ ।ତା' ସ୍ୱାମୀ ସହିତ ଦୁଇ ଚାରିମାସ ହସ ଖୁସିରେ କଟାଇଲେ ଜୟନ୍ତୀ ।କିନ୍ତୁ ମଣିଷର ସୁଖ କ୍ଷଣସ୍ଥାୟୀ ।କୁଆଁରୀ ଝିଅ ମନରେ କେତେ କଳ୍ପନା କରେ ତା' ଭବିଷ୍ୟତକୁ ନେଇ । କେତେ ସ୍ୱପ୍ନ ଦେଖେ ନିତି ।କିନ୍ତୁ ସବୁ ସ୍ୱପ୍ନ କ'ଣ କଳ୍ପନାର ରୂପ ନିଏ ? ସତ ହୁଏ ? ନା କେବେ ନୁହେଁ । କିଛିଦିନ ପରେ ଜୟନ୍ତୀ ଜାଣିଲା ଯେ ତା' ସ୍ୱାମୀ ତା' ବାପା ମା'ଙ୍କର ସବା ସାନ ପୁଅ ହୋଇଥିବାରୁ ସେମାନେ ତାକୁ ଅଧିକ ବାତ୍ସଲ୍ୟ ସ୍ନେହ ଦେଇ ବଢାଇଥିବାରୁ ସେ ସଙ୍ଗ ଗୁଣରେ ଅନେକ ବଦ୍‌ଅଭ୍ୟାସରେ ଅଭ୍ୟସ୍ତ ହୋଇଛି । କିଶୋର ବୟସରୁ ଯଦି ପ୍ରତେକ ବାପମା' ନିଜ ପୁଅଝିଅଙ୍କୁ ଆକଟ ନ କରନ୍ତି ବା ଉଚିତ୍ ପରାମର୍ଶ ନ ଦିଅନ୍ତି ଉଚିତ୍ ମାର୍ଗରେ ଚାଲିବା ପାଇଁ, ସେମାନେ ଅବାଟରେ ଗୋଡ ଦେଇଥା'ନ୍ତି, ସଙ୍ଗଗୁଡାକରେ ପଡି ।ଧୀରେ ଧୀରେ ପଙ୍କିଳ ରାସ୍ତାରେ ଗୋଡ ଖସି ଖସି ସେଇ ପଙ୍କରେ

ପୂରାପୂରି ବୁଡିଯାଇଥାନ୍ତି ।କୌଣସି କଥାକୁ ସେମାନଙ୍କ ଖାତିର ନ ଥାଏ । ତାଙ୍କର ଭବିଷ୍ୟତ ପାଇଁ କୌଣସି ଚିନ୍ତା ନ ଥାଏ ।କୌଣସି ଅଭିଳାଷ, ଅଭିପ୍ସା ନଥାଏ ।ପୁଣି ଟଙ୍କା ପଇସା ପାଇଲେ ତାହାକୁ ଜୁଆଖେଳରେ ଖର୍ଚ୍ଚ କରିଦେଇଥାନ୍ତି ।ଜୁଆଖେଳ ଏପରିକି ଏକ ମାରାତ୍ମକ ଖେଳ ଯେ, ସେଥିରେ ଥରେ ହାରିଗଲେ କିମ୍ବା ଜିତିଗଲେ ପୁଣି ଖେଳିବା ପାଇଁ ତାଙ୍କର ଇଚ୍ଛା ପ୍ରବଳ ହୋଇଥାଏ ।ଏଇ ଖେଳ ଏକ ବଡ ନିଶା ଯାହାକୁ ଥରେ ଧରେ, ସହଜରେ ପରିତ୍ୟାଗ କରେ ନାହିଁ ।ଯଦି ସେ ମଣିଷ ଶିକ୍ଷିତ ଅବା ଅଶିକ୍ଷିତ ହୋଇଥାଉ ।

ଜୟନ୍ତୀର ସ୍ୱାମୀ କୁସଙ୍ଗରେ ପଡି ମଦ, ଗଞ୍ଜେଇ ପ୍ରଭୃତି ନିଶାରେ ଅଭ୍ୟସ୍ତ ହୋଇପଡିଥିଲା ।ପୁଣି ସୁଯୋଗ ମିଳିଲେ ବିଭିନ୍ନ ପାଲା,ଯାତ୍ରା,ଆଖପାଖ ହାଟ, ବଜାରକୁ ଯାଇ ଜୁଆ ଖେଳୁଥିଲା ଟଙ୍କା ପଇସା ବେଳେ ବେଳେ ଘରୁ ଚୋରି କରୁଥିଲା ।ପୁଣି କେବେ କେବେ ତା' ଧନୀ ସାଙ୍ଗମାନଙ୍କଠାରୁ ଧାର ଆଣୁଥିଲା ଏବଂ ସବୁ ଗଞ୍ଜେଇ ନିଶା ଓ ଜୁଆ ଖେଳରେ ଖର୍ଚ୍ଚ କରିଦେଉଥିଲା ।ଜୟନ୍ତୀ ପ୍ରଥମେ ପ୍ରଥମେ କିଛି ଜାଣିପାରୁ ନଥିଲା;କିନ୍ତୁ ଯେତେବେଳେ ବାହାରକୁ ଯିବା ଓ ଆସିବାରେ ବ୍ୟତିକ୍ରମ ଘଟିଲା, ଅତ୍ୟଧିକ ରାତିରେ ଘରକୁ ଫେରିବା, ତା' ପାଟିରୁ ମଦର ଗନ୍ଧ ବାହାରିବ, ଆଖିଦୋଟି ରକ୍ତରଞ୍ଜିତ ଦେଖାଯିବା ଇତ୍ୟାଦିରୁ ସେ କିଛି କିଛି ଅନୁମାନ କରିନେଲା ।ସେ ଅନୁମାନ କରିନେଲା ଯେ, ତା' ସ୍ୱାମୀ ଅନେକ ନିଶାରେ ଅଭ୍ୟସ୍ତ ।ଜୟନ୍ତୀ ଶୋଇପଡିବା ପରେ ଆଣିଥିବା ଯୌତୁକ ବାକ୍ସରୁ କେବେ କଂସାଟିଏ ତ କେବେ ତାଟିଆଟିଏ, ଗଡୁଟିଏ ଉଭାନ୍ ହୋଇଯାଉଥିଲା ।ପୁନଶ୍ଚ ସେ ଆଣିଥିବା ସାଇକେଲ ଓ ହାତ ଘଣ୍ଟାଟି ବିକ୍ରି କରି ଉପରୋକ୍ତ ନିଶା ଓ ଜୁଆରେ ଖର୍ଚ୍ଚ କରିଦେଲା ।ଜୟନ୍ତୀ ତା' ସ୍ୱାମୀକୁ ଖାଇବାକୁ ଦେଇ ଅନୈତିକ କାର୍ଯ୍ୟ ନ କରିବାକୁ ବୁଝାଏ ।ସେ ତାକୁ କୁହେ, ଏପରି କାମରେ ଲିପ୍ତ ରହିଲେ ମଣିଷ ଅମଣିଷ ହୋଇଯାଏ ଆମର ବି ଭବିଷ୍ୟତ ଆଗକୁ ଅନେକ ଅଛି ।ତମେ ମତେ ବାହା ହେଲ, କିଛି କାମ ଦାମ କର ।ବାପା ମା' କଣ ସବୁଦିନ ଥିବେ, ଆମକୁ ପୋଷିବେ ।ଆମର ସନ୍ତାନସନ୍ତତି ହେବ ।ସେମାନଙ୍କୁ ବଡ ବଡ କରି ମଣିଷ କରିବାକୁ ପଡିବ ।କିନ୍ତୁ ପଙ୍କରେ ଖାସିଗଲା ଗୋଡ ତ ତଳକୁ ତଳକୁ ଯାଏ ।ରାତିରେ ଜୟନ୍ତୀ କଥାରେ ହଁ ଭରେ ।ସକାଳ ପାହିଲେ ଯେଉଁ କଥାକୁ ସେହି କଥା ।'ମତେ ଯେତେ ମାଡିବୁ ମାଡ଼ ମୁଁ ସେଇ ଦରପୋଡା କାଠ ।' ଏ କଥାର ସତ୍ୟତା ଜୟନ୍ତୀର ସ୍ୱାମୀ ହିଁ ଏକ ଜ୍ୱଳନ୍ତ ଉଦାହରଣ ।ଏମିତି ଅନେକ ଝଡଝଞ୍ଜାରେ ଗତିକରି ଜୟନ୍ତୀ ପ୍ରଥମେ ଏକ କନ୍ୟା ସନ୍ତାନର ଜନନୀ ହେବାର ସୌଭାଗ୍ୟ ଅର୍ଜିଲା ।ଦୁଇବର୍ଷ ପରେ ଏକ ପୁତ୍ର ସନ୍ତାନ କୁଆଁ କୁଆଁ ରାବ ଦେଇ ତା'' କୋଳରେ ଭୂମିଷ୍ଠ ହେଲା । ଜୟନ୍ତୀର ମନ ସବୁବେଳେ ଦୁଃଖରେ ଭରୁଭରୁ ହେଉଥାଏ ତା' ସ୍ୱାମୀର ଚରିତ୍ର ପାଇଁ ।ଏ ଭିତରେ ତା' ଶାଶୂ କେଉଁ ଏକ ଅଜଣା ରୋଗର ଶିକାର ହୋଇ ମୃତ୍ୟୁବରଣ କଲେ ।ଜୟନ୍ତୀ ସ୍ୱାମୀ ତା' ଦେଢଶୁର ସବୁ ଜମିବାଡି,ଘରଦ୍ୱାର ବଣ୍ଟାବଣ୍ଟି କରି ଅଲଗା ଅଲଗା ଚାଷ କଲେ ଓ ରୋଷେଇବାସ ମଧ୍ୟ ଅଲଗା ଅନ୍ୟ ଜାଗା ମାନଙ୍କରେ କଲେ ।ପୁଣି ଗାଈ, ବାଛୁରୀ, ହଳ, ବଳଦ ମଧ୍ୟ ବଣ୍ଟା ହେଲା ।ତା' ସ୍ୱାମୀ ଏକେ ତ ଅଳସୁଆ, ଏଣୁ ଜୟନ୍ତୀ ତ ଭାଗ ଚାଷଜମିକୁ ତ'ର ଜଣେ ଦେଢଶୁରଙ୍କୁ ଭାଗଚାଷ ପାଇଁ ଦେଲା ।ଫସଲ ଅମଳବେଳେ ଯାହା ଭାଗ ମିଳୁଥିଲା ସେଥିରୁ ଜୟନ୍ତୀର ସ୍ୱାମୀ ବାଟରେ ବସ୍ତେ ଦୁଇ ବସ୍ତା ବିକ୍ରି କରି ଦେଉଥିଲା ।ସେଥିରେ ନିଶାଖାଇ ବିକିଟକ ଟଙ୍କାକୁ ଜୁଆରେ ଖର୍ଚ୍ଚ କରି ଦେଉଥିଲା ।ଧୀରେ ଧୀରେ ସେ ତା'

ପରିବାରକୁ ଏପରି ବ୍ୟତିବ୍ୟସ୍ତ କରିଦେଲା ଯେ, ଜୟନ୍ତୀର ଧୈଯ୍ୟର ସୀମା ଲଂଘନ କଲା ।ଦିନେ ସେ
ଅଧରାତିରେ କେଉଁଠୁ ଗୁଳିଗପ କରି, ଜୁଆଖେଳି, ଗଞ୍ଜେଇ ଟାଣି, ଆଖି ଲାଲ୍ ଲାଲ୍ କରି ଘରେ ପହଞ୍ଚିଲା ।ଏ
ଭିତରେ ଭାଗ ଜମିରୁ କିଛି ଜଣେ ସାହୁକାରଙ୍କଠାରୁ କରଜ ଆଣି ବିକ୍ରି କରିଦେଇଥାଏ ।ଜୟନ୍ତୀ ରାଗରେ ପାଚି
ଲାଲ୍ ହୋଇଯାଇଥାଏ । ସ୍ତ୍ରୀ ଜାତି କରୁଣାମୟୀ, ମମତାର ଭଣ୍ଡାଘର; କିନ୍ତୁ ସେ ରାଗିଲେ ଉଗ୍ରମୂର୍ତ୍ତି ଧାରଣ
କରେ ।ଭଲମନ୍ଦର ବିଚାର କରିପାରେ ନାହିଁ ।ଜୟନ୍ତୀ ସେ ଆସିବା ପରେ ରାଗରେ ତା' ସ୍ୱାମୀକୁ ଏପରି
ହାଡଭଙ୍ଗା କଥା କହିଲା ଯେ, ସେ ତା' ମସ୍ତିଷ୍କର ଭାରସାମ୍ୟ ରକ୍ଷା କରି ନପାରି ବେକରେ ଦଉଡ଼ି ଦେଇ
ଆତ୍ମହତ୍ୟା କଲା ।ଜୟନ୍ତୀ ଯୁବାବସ୍ଥାରୁ ବିଧବା ହେଲେ, କିଏ କେତେ ଚାହିଁଚାପରା କରି କେତେ କଥା କହିଲେ
।କେହି କହି ତାକୁ ହାଡ, ମୁଣ୍ଡ, ଘଇତାଖାଇ କହିଲେ ।ଏସବୁ ଟିକଟିପ୍ପଣୀ ସାହି ନ ପାରି ତା'ଶଶୁଘରେ ତା'ର
ରହିବାକୁ ଇଚ୍ଛା ହେଲାନାହିଁ ।ଛୁଆ ଦୁଇଟାକୁ ଧରି ତା' ବାପା ଘରକୁ ଚାଲିଆସିଲା ।ଏଣେ ତା' ବାପାକୁ
ଯକ୍ଷ୍ମାରୋଗ ଆକ୍ରମଣ କଲା ।ଟଙ୍କା ପଇସା ଯୋଗାଡ କରି ମା' ଝିଅ ଦୁହେଁ ତାକୁ ବଡ ଚିକିତ୍ସାଳୟକୁ ନେଲେ
। ରୋଗଟି ତା'ର ବହୁତ ବଢିଯାଇଥିବାରୁ ସେଠାରେ ସେ ଆରୋଗ୍ୟ ହୋଇପାରିଲା ନାହିଁ ।ଶେଷରେ ତା'
ଜୀବନ ଗଲା ।ବିପଦ କେବେ ଏକାହୋଇ ଆସେନାହିଁ, ତା' ସାଙ୍ଗସାଥି ଧରି ଆସିଥାଏ ଜୟନ୍ତୀର ଜୀବନରେ
ଏହାହିଁ ଘଟିଥିଲା ।ପ୍ରଥମେ ସ୍ୱାମୀ ଯାଇଥିଲା ପରେ ବାପା ।ମା' ଝିଅ ଦୁହେଁ ଦିନମଜୁରି କାମ କରି ପରିବାରର
ଚକକୁ ଆଗକୁ ବଢାଇଲେ ।କିଛିଦିନ ପରେ ଜୟନ୍ତୀର ମା' ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେଲା ।ଜୟନ୍ତୀ
ଧାର କରଜ କରି ତା'ମା' କୁ କୌଣସି ଏକ ଦୂର ସ୍ଥାନକୁ ନେଲା ଓ କିଛି ପରିମାଣରେ ସୁସ୍ଥ କରାଇଲା ।ତା'
ମା'ତ ଆଉ କାମଦାମ କରିପାରିଲା ନାହିଁ ।ଜୟନ୍ତୀ ଛୁଆ ଦୁଇଟିକୁ ମା' ପାଖରେ ଦେଇ କାମ କରିବାକୁ ଯାଏ
।ତା' ବାପା ଏବଂ ଶାଶୁଘର ଚାଷ ଜମିରୁ ଯାହା ମିଳେ ତାକୁ ରାଖିଦିଏ ।ତାଙ୍କ ଛ' ମାସର ଖର୍ଚ୍ଚ ସେଥିରୁ
ବାହାରେ ବାକି ଛ' ମାସର ଖର୍ଚ୍ଚ ଦିନ ମଜୁରି କାମ କରି ମା' ଏବଂ ତା'ଛୁଆଦୁଇଙ୍କୁ ଆହାର ଦିଏ ।ଏବେ
ଛୁଆମାନେ ଟିକିଏ ବଡ ହେବାପରେ ତାଙ୍କୁ ସ୍କୁଲରେ ପଢାଇବା ପାଇଁ ନେଇଛି ।ସେ ଯାହା ରୋଜଗାର କରେ
ମା'ର, ନିଜର ଶାଢୀ କିଣେ ତା' ପିଲାପାଇଁ ପେଣ୍ଟ, ସାର୍ଟ , ଝିଅ ପାଇଁ ଫ୍ରକ୍, ଚଡି କିଣେ ।ତା' ପେଟରେ ଭୋକ
ଯେନତେନ ପ୍ରକାରରେ ତ ମେଣ୍ଟୁଛି; କିନ୍ତୁ ଶରୀରର ଭୋକ, ତୃଷା କିଏ ମେଣ୍ଟାଇବ ।ରାତିରେ
ଶୋଇଲାବେଳେ ଅନେକ ସ୍ୱପ୍ନ ଦେଖେ । ପୁଣି ଥରେ କେଉଁ ଅଜଣା ଯୁବକ ସାଥିରେ ତା' ମୁଣ୍ଡ ଗୁଞ୍ଜି ଦେବାକୁ
ଇଚ୍ଛାହୁଏ ।କିନ୍ତୁ ଦୁଇଟି ଛୋଟ ନିଷ୍ପାପ ଶିଶୁ ଏବଂ ବିକଳାଙ୍ଗର ଜୀବନ ରକ୍ଷା କରିବା ପାଇଁ ତା' ବିବେକ ସେଥିରୁ
ନିବୃତ ରହିବାକୁ କହେ ।ତା' ପୁଅ କେବେ ମଣିଷ ହୋଇ ତାକୁ ପୋଷିବ ତା' ଦୁଃଖର ଅନ୍ତ ହେବ ।

# ନୂତନ ଦିଗନ୍ତ

ଲୋପାମୁଦ୍ରା ଜେନା

ବ୍ରେକ୍ ଚାପିଲା ଅଭିଳାଷ ।ଅଭିଳାଷ ମହାପାତ୍ର ।ତିନୋଟି ସନ୍ତାନଙ୍କ ଅକାଳ ମୃତ୍ୟୁ ପରେ ମା' ନିଶାମଣିଙ୍କ କୋଳମଣ୍ଡନ କରିଥିଲା ଏଇ ଅଭି । ତେଣୁ ସେ ଥିଲା ପିତାମାତାଙ୍କର ନୟନର ମଣି । ମାତ୍ର ଆଜି ସେ ଯାଉଛି ବୋଉର ପ୍ରିୟ ମାଙ୍ଗଳସୂତ୍ରଟିକୁ ବିକ୍ରିକରି ପାର୍ଟି ଆଟେଣ୍ଡ କରିବା ପାଇଁ । ଆରେ ! କେହି ଜଣେ ଲିଫ୍ଟ ଚାହୁଁଛି ବୋଧେ..... । ଅଭି ଦେଖିଲା ଠିଆ ହୋଇ ପିଲାଟେ ଲିଫ୍ଟ ମାଗୁଛି ବୋଧେ !"ବାବୁ, ମୋତେ ଟିକେ ଆଗ ବସ୍ତି ପାଖ ରାସ୍ତାରେ ଛାଡିଦେବ ? ପଚାରି ସାରି ପ୍ରଶ୍ନିଳ ଆଖିରେ ଚାହିଁଲା ପିଲାଟି । ଶୀତୁଆ ରାତିଟାରେ ପିଲାଟାର ଅଧାଘୁଙ୍ଗୁଡା ଦେହ ଦେଖି ନାହିଁ କରିପାରିଲେନି ଅଭି । ପିଲାଟିକୁ ବସାଇ ଆଗକୁ ମାଡିଚାଲିଲା ସେ.... । ଏତେ ରାତିରେ କୁଆଡେ ଯାଉଥିଲା ଜିଜ୍ଞାସା କରି ପଚାରିଲା ଅଭି । ' 'ମୁଁ ପରା ଗ୍ୟାରେଜ୍ ରେ କାମ କରେ," ସାମାନ୍ୟ ହସି ଉତ୍ତର ଦେଲା ପିଲାଟି ।

-' 'ଘରେ ତୋର କିଏ ଅଛି ?" ପ୍ରଶ୍ନ କଲା ଅଭି ।

- ' 'ମୋର ଛୋଟ ଭଉଣୀ ଓ ମା' ! ବା' ମୋର କେବେଠୁ ଚାଲିଗଲାଣି । ମୁଁ ଯାହା ଆଣେ ସେଥିରେ ଚଳୁ !" କହିଲା ପିଲାଟି ।

ଯେତିକି ପ୍ରଶ୍ନ ପଚାରିଥିଲା ତା'ଠୁ ଅଧିକ ଉତ୍ତର ପାଇବ ବୋଲି ଜମା ଆଶା କରି ନଥିଲା ଥିଲା ସେ । ଆଶ୍ଚର୍ଯ୍ୟ ହେଲା ମନେ ମନେ । ଛୋଟ ପିଲାଟା ରୋଜଗାର କରି ଘର ଚଳାଉଛି ଅଥଚ ସେ...... । ଶକ୍ତ ଧକ୍କାଟେ ଲାଗିଲା ଯେପରି ତାକୁ । ପୁଣି କହି ବସିଲା ପିଲାଟି, ' 'ବାବୁ, ମାଆ ମୋର ରୋଗାଣି । ମୁଁ ଦିନଯାକ ଖଟି ଯେଉଁ ମଜୁରି ଆଣେ ସେଥିରେ ମା'ର ଔଷଧ ଆଉ ଖାଇବା ଆଣେ । ନ ହେଲେ ଉପାସ ରହୁ ।" ଉତ୍ତର ଦେଲା ପିଲାଟି ।

ଏ କଥାତକ ଯେମିତି ଶକ୍ତ ଚଟକଣାଟେ ପରି ଲାଗିଲା ଅଭିକୁ । ଲାଜରେ ମୁହଁ କଳା ପଡିଗଲା ମୁଣ୍ଡ ତା'ର ତୋଳମାଳ ହୋଇଗଲା । ତା' ଆଖି ଆଗରେ ପୁରୁଣା ଦିନଗୁଡିକ ଜଳଜଳ ହୋଇ ଦେଖାଗଲା । ମାନସପଟରେ ଝଲସି ଉଠିଲା ସେଦିନର ସ୍ମୃତିସବୁ.....ତା' କଲେଜ ସମୟର କଥା... ..... ।

ସେଇ ବର୍ଷ ପ୍ରଥମ ବର୍ଷ ଇଞ୍ଜିନିୟରିଂରେ ନାମ ଲେଖାଇଥାଏ ଅଭିଳାଷ ଆଉ ବାପା ମା'ଙ୍କର ସ୍ୱପ୍ନ ପୁଅ ତାଙ୍କର ଇଞ୍ଜିନିୟରିଂ କରି ଇଞ୍ଜିନିୟର ହେବ । ତାଙ୍କର ଶେଷ ସମୟରେ ସାହାର ହେବ । ସହରର ସବୁଠୁ ଭଲ ଇଞ୍ଜିନିୟରିଂ କଲେଜ ସେଥିପାଇଁ ବାପା ତା'ର ନାମ ଲେଖିଛନ୍ତି । ଘରଠାରୁ ଅନତିଦୂରରେ କଲେଜଟିର ଅବସ୍ଥିତ । ଦିନକର ଘଟଣା । କଲେଜରୁ ଫେରି ଅଭି ଧୁମ୍ କରି ନୋଟ ବୁକ୍ ଟା କଚାଡିଦେଲା ଖଟ ଉପରେ । ରାଗ ତମ ତମ ଗୋରା ଗାଲରୁ ଝରିପଡୁଥାଏ ସ୍ୱେଦବିନ୍ଦୁଗୁଡିକ । ରୁମାଲରେ ଝାଳ ପୋଛୁ ପୋଛୁ ସ୍ୱଗତୋକ୍ତି କରି ଉଠିଲା, ' 'ହାପ୍ ମୋତେ କହିଲା ମାଇଚିଆ ? ଶଳାର ବିଏଚଏଆରଆଇ ବହପ । ଜଣ ପିଏଆଇଏକାଇ କି ମୋତେ ! ଶଳାଙ୍କର ମୁହଁ ବଢିଗଲାଣି ଦେଖୁଛି । କିଛି ନ କହିଲାରୁ....ଶଳେ .........।"

ପାଣି ଗ୍ଲାସ୍ ଟି ଧରି ପଶି ଆସୁ ଆସୁ ବିସ୍ମିତ ହେଲେ ତା'ର ମା' ନିଶାମଣି ଦେବୀ । ପ୍ରଶ୍ନ କଲେ, 'କ'ଣ ହୋଇଛି ବାପା ? ଏ ପ୍ରଶ୍ନରେ ପ୍ରକୃତିସ୍ଥ ହେଲା ଅଭିଳାଷ । ଧୀରେ ସ୍ମିତ ହସି ଉତ୍ତର ଦେଲା, 'ନାଇଁ ମ ବୋଉ ମୁଣ୍ଡ ଖରାରେ ବାହାରୁ

ଆସିଲା ତ, ମୁଣ୍ଡ ବୁଲାଇ ଦେଖନ୍ତି ।' 'ହଇ, ଆ' କ'ଣ ଦି'ଟା ଖାଇ ଟିକେ ଗଡିପଡିବୁ । କହି କହି ଚାଲିଗଲେ ମା' ।
ପଛେ ପଛେ ଉଠିଗଲା ଅଭିଳାଷ ।

ଶୋଇ ଶୋଇଭାବୁଥିଲା ଅଭିଳାଷ । କ'ଣ ସତରେ ମାଉଚିଆ ? ସତରେ କ'ଣ ପୁରୁଷପଣିଆ ନାହିଁ ତା'ର ? ସେ କଲେଜକୁ ଯିବା ଦିନରୁ ଦଳଟେ ତା' ପଛରେ ଲାଗିଛନ୍ତି । ଦଳର ସର୍ଦ୍ଦାର ଜିତୁ କହେ- '' ଦେଖ ବେ ମହାପାତ୍ରେ ଆସିଗଲେ । ଭାରି ବଧେ ଅଭିକୁ । ତାକୁ ଦେଖି ଝିଅମାନେ ବେଖାତିର ଢଙ୍ଗରେ ଚାଲିଯାଉଥିବାବେଳେ ଅନ୍ୟ ପୁଅଙ୍କୁ ଦେଖି ମୁହଁ ପୋତିଯାନ୍ତି । ଏତିକିରେ ପୁଅମାନେ ତା'କୁ ଦେଖେଇ କଲର ଝାଡି ଚାଲନ୍ତି । ଅଭିକୁ ଲାଗେ ସତେଯେମିତି ତା'ର ପୁରୁଷପଣିଆ ପ୍ରତି ଶଙ୍କ ଚାପୁଡା । ହଠାତ୍ ବାପା ବାଣ୍ଡ ଅଗଣାରୁ ଡାକ ଛାଡନ୍ତି, '' ଅଭି କଲେଜରୁ ଫେରିଲୁଣି ବାପା?'' ଏତିକିରେ ଅଭିର ଭାବନାରେ ପୂର୍ଣ୍ଣଛେଦ ପଡେ ।

ଦିନ ପରେ ଦିନ ଗଡିଚାଲେ । ଇତିମଧ୍ୟରେ ଅଭିର ଦୋସ୍ତି ହୁଏ କଲେଜରେ ଏକ ଦୁର୍ନାମ ପିଲା ସନ୍ତୋଷ ସହ । ସନ୍ତୋଷ ଥିଲା ଜିତୁର ପରମ ଶତ୍ରୁ । ତେଣୁ ଓର୍ ଉଣ୍ଡି ଅଭିକୁ ବନ୍ଧୁ କରି ଜିତୁ ବିରୋଧରେ ମତାଇବାକୁ ସ୍ଥିର କରି ବନ୍ଧୁତା ହାତ ବଢାଏ ଅଭିକୁ ଆଉ ଆକାଶପାତାଳ ଭାବିଯାଏ ଅଭି । ଏକା ଏକା ରହିଛି ବୋଲି ଜିତୁ ଓଗେରେ ତାକୁ ହଇରାଣ କରୁଛନ୍ତି ସିନା । ସେଥିପାଇଁ ହାତ ବଢାଇ ଦେଇ ସନ୍ତୋଷ ଆଡେ ଦୀର୍ଘଶ୍ୱାସ ଛାଡେ । ଆଉ ସନ୍ତୋଷ ଓଠରେ ଉକୁଟି ଉଠେ ଚେନାଏ କୁଟିଳ ହସ । ଦେଖିଲେ ମନେହେବ ସେ ହସ ଯେମିତି ଏକ ବିଜୟୀ ସମ୍ରାଟର ଆତ୍ମତୃପ୍ତିର ହସ ।

ସମୟର ପ୍ରତିଘାତ ଧୀରେ ଧୀରେ ଅଭି ହୋଇଯାଏ ବିପଥଗାମୀ । ପ୍ରତିଶୋଧ ନେବାର ନିଶାରେ ଏମିତି ମସଗୁଲ୍ ଯେ ଚାହିଁଲେ ବି ପଛକୁ ଫେରିପାରିବନି ସେ । ଏଣିକି ଦିନକୁ ଗୋଟେ ପ୍ୟାକେଟ୍ ସିଗାରେଟ୍ ନ ହେଲେ ନ ଚଳେ ଅଭିର । ଜିତୁ ଓଗେରେଙ୍କ କାମେଣ୍ଟରୁ ନିଜକୁ ରକ୍ଷା କରିବାକୁ ଯାଇ ଏକ ଅନ୍ଧଗଳିରେ ପଥିକ ହୋଇଯାଏ । ପାଦ ଥାପେ ଏକ ଅଜ୍ଞେୟ ଇଲାକାରେ କେବଳ ପ୍ରତିଶୋଧ ନେବାରେ ଜିଦ୍ ଓ କେବଳ ନଷ୍ଟଚରିତ୍ରଙ୍କ ଆକ୍ଷେପରୁ ନିଜକୁ ରକ୍ଷା କରିବାକୁ ଯାଇ । କିଛି ନା କିଛି ଆଳ କରି ଘରୁ ପ୍ରତିଦିନ ଟଙ୍କା ସନ୍ତୋଷର ପ୍ରରୋଚନାରେ । ସେ ଟଙ୍କାରେ ଭୋଜି ହୁଏ, ପାର୍ଟି ହୁଏ । ଭଲରେ ନ ହେଲେ ତୁମୁଳ କାଣ୍ଡ କରି ନେବେ ଟଙ୍କା ପାଇଁ ଘରେ । ଯେଉଁମାନେ ତା'ର ସୁରକ୍ଷା ବଳୟ ସାଜିଛନ୍ତି ସେମାନଙ୍କ କଥାକୁ ଟାଳିପାରିବ ସେ ? ଏଣେ ଅଭିଳାଷର ନାନା ଫରମାଇସ୍ ସହ ଘରର ଖର୍ଚ୍ଚ ସମ୍ଭାଳିବାକୁ ଯାଇ ନାନା ଧାର କରଜରେ ବୁଡିଗଲେଣି ତା'ର ବାପା ସତୀଶ ବାବୁ । ସବୁ ବୁଝେ ଅଭିଳାଷ ହେଲେ ସେ କ'ଣ କରିବ ? ଆଜି ଜିତୁ ଚିନ୍ତାରେ ପଡିଛି ଅଭି । କ'ଣ କରିବ ଠିକ୍ କରିପାରୁନି । ବୋଉର ଦେହ ଭୀଷଣ ଖରାପ । ବାପାଙ୍କର ହାତ ଖାଲି । ଫୁଟା ପଇସାଟେ ମଧ୍ୟ ନାହିଁ ଅଭି ପାଖରେ । ଅଥଚ ତା' ତରଫରୁ ସନ୍ତୋଷ ଓ ତା'ର ସାଙ୍ଗମାନଙ୍କୁ ପାର୍ଟି ଦେବାକୁ ହେବ । ହୋଟେଲ 'ନ୍ୟୁ ଷ୍ଟାଇଲ୍' ରେ ୧୦ ଟାରେ ପାର୍ଟି ଫିକ୍ସ ହୋଇଛି । ଘଣ୍ଟା ଦେଖିଲା ଅଭି, ସମୟ ୯ ଟା ବାଜିଲାଣି । ଏପର୍ଯ୍ୟନ୍ତ ପଇସାର ବନ୍ଦୋବସ୍ତ ହୋଇପାରିନି । ମନେପଡିଗଲା ତା'ର ବୋଉର ମଙ୍ଗଳସୂତ୍ରଟା ଆଜି ଭୁରେ ଦେବା'ଖିସାରିଥିଲା ସେ । ଅତଏବ ଏଇଟାକୁ ବିକ୍ରି କରି ଆଜି ମ୍ୟାନେଜ୍ କରିଦେବ । ତା'ଛଡା ଅନ୍ୟ ଉପାୟ ମଧ୍ୟ ନାହିଁ । ମଙ୍ଗଳସୂତ୍ରଟା ଧରି ଘରୁ ବାହାରିବ ସମୟ ବୋଉର ଉପରେ ନଜର ପଡିଗଲା ଆଉ ସତରେ ଏଇ ପନ୍ଦରଦିନ ମଧ୍ୟରେ ଅବସ୍ଥା କ'ଣ ନ ହେଲାଣି ? ଭଲ କରି କଥା ମଧ୍ୟ କହିପାରୁନାହାନ୍ତି । ତା'କୁ ତାଗିଦ୍ କରି ସେ କହିଲା, ' 'ବାପାରେ, କୁଆଡେ ଯାଉଛୁ ? ଟିକେ ଚଲ୍ ବି ଫେରିବୁ । 'ହଉ' ବୋଲି କହି ଭିନ୍ନ ଏକ କଟାକ୍ଷ ପିଙ୍ଗି ଚାଲିଯାଉଥିଲା ଅଭି । ଏଥର ବାପାଙ୍କ ଡାକ କାନରେ ପଡିଲା ତା'ର । ଦେଖ୍ ଅଭି । ଯେଉଁ କଷ୍ଟରେ ମୁଁ ଶହେଟି ଟଙ୍କା ଯୋଗାଡ କରିଛି

ତୋ ବୋଉ ପାଇଁ ଔଷଧ ଟିକେ ଆଣିବାକୁବାପାରେ, ସେ କଥା ତୁ ବୁଝିପାରିବୁ ନାହିଁ । ପ୍ରେସକ୍ରିପସନ ଓ ଶହେ ଟଙ୍କିଆ ନୋଟ ଖଣ୍ଡେ ।

ପିଲାଟିର ଡାକରେ ଅଭିଳାଷର ଭାବନାରେ ଅନ୍ତ ହେଲା । ସେ ପ୍ରକୃତିସ୍ଥ ହେଲେ । ପିଲାଟି ଓହ୍ଲେଇ ପଡି ' ମୁଁ ଯାଉଛି ବାବୁ' କହି ଚାଲିଗଲା ତା'ର ଉତ୍ତରକୁ ଅପେକ୍ଷା ନ କରି । ତା' ଚାଲାବାଟକୁ ଚାହିଁରହି ଭାବୁଥାଏ ଅଭି..... ଛୋଟ ପିଲାଟି ହାଡଭଙ୍ଗା ଖଟଣି ଖଟୁଛି ତା'ର ପରିବାରକୁ ଠେଲି ଦେଇଛି ଅଭାବ ଅନଟନ ମଧ୍ୟକୁ ଛୋଟ ପିଲାଟା ତା' ମା' ପାଟିରେ ଔଷଧ ଦେବାପାଇଁ ହାଡଭଙ୍ଗା ଖଟଣି ଖଟୁଥିବାବେଳେ ସେ କିନ୍ତୁ ତା' ବୋଉର ପାଟିରେ ଔଷଧ ଦେବା ବଦଳରେନାଲିପାଣିର ନିଶାରେ ମସ୍ ଗୁଲ୍ ହେବପାଇଁ ଚୋରି କରିଛି ବୋଉର ମଙ୍ଗଳସୂତ୍ର । ଯାହା ହିନ୍ଦୁ ନାରୀର ସର୍ବଶ୍ରେଷ୍ଠ ସମ୍ପତି । ପ୍ରତ୍ୟେକ ହିନ୍ଦୁ ନାରୀ ପାଇଁ ଏହା ଏକ ପ୍ରତୀକ ତା'ର ସ୍ୱାମୀର । ଆଜି ସେଇ ସଂକେତକୁ ବିକ୍ରି କରିବାକୁ ବାହାରିଛି ଅଭିଳାଷ , ଯାହା କି ତା'ର ବାପାଙ୍କ ପ୍ରତୀକ । ବୋଉର ଶ୍ରେଷ୍ଠ ସମ୍ପତି ଆଉ ବାପାଙ୍କ ପ୍ରତିକକୁ ନିଲାମକରି କରି ପ୍ରତି ବଦଳରେ କିଣିଥା'ନ୍ତା କ୍ଷଣିକ ସୁଖ । ଏଇ କଣ ତା'ର ପରୁଷପଣିଆ ? ବାପା ମା'ଙ୍କ ମୁହଁରେ ମୁଠାଏ ଦାନା ଦେବା ବଦଳରେ ଯିଏ ତାଙ୍କଭାବନାକୁ ବିଆଇକେଆଉ ଭାଙ୍ଗି ଖାଇପାରେ ସେଇକି ପୁଅ କ'ଣ କେବେପୁରୁଷ ହୋଇପାରେ ? ପୁରୁଷ ହେବ ପାଇଁ ସେ ପାଲଟିଯାଇଛି ଗୋଟେ କାପୁରୁଷ ।

ସତରେ କ'ଣ କରିବାକୁ ଯାଉଥିଲା ସେ ! ପାଦତଳୁ ମାଟି ଖସିଯାଉଥିଲା ତା'ର ବୋଉରସେ କଥାପଦକ 'ଟିକେ ଜଲ୍ଦି ଫେରିବୁ ବାପା' ବାରମ୍ବାର ପ୍ରତିଧ୍ୱନୀତ ହେଲା । ବାପାଙ୍କ ର କ୍ଲାନ୍ତ ଶାନ୍ତ ଶୀର୍ଣ୍ଣ ମୁର୍ତ୍ତି ନାଚି ଉଠୁଥିଲା ତା' ଆଖିରେ ଆଖିରୁ ଝରିପଡୁଥିଲା ଅଶ୍ରୁବିନ୍ଦୁ ଶ୍ରାବଣରେ ଜାରିଧାର ପରି । ସେ ବୁଝିପାରିଛି ଆଜି ତା'ର ଭୁଲ୍ । ଏବେ ବି ବାପା ଦେଇଥିବା ପ୍ରେସକ୍ରିପସନଟା ହାତମୁଠାରେ ଅଛି । ମୁଠା ଖୋଲି ଦେଖିଲା ସେ ଚିରିକୁଟି ଖଣ୍ଡକ ତା' ଆଡକୁ ଦାନ୍ତ ନିକୁଟା ଚାହିଁଛି । ଆଖି ଆଗରେ ଲମ୍ୱିଯାଇଛି ଅଜଗର ପରି ।ଗୋଟିଏ ଦିଗ ତା'ର ହୋଟେଲ 'ନ୍ୟୁ ଷ୍ଟାଇଲ' ଆଡେ ତ ଅନ୍ୟଟି ତା'ର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତର ସାକ୍ଷୀ ତା'ର ବାସଘରୀ ଆଡେ । ଯେଉଁଠି ସେ ଅବହେଳା କରିଆସିଛି ତା'ର ପୂଜ୍ୟ ବାପା ମା'ଙ୍କୁ । ନା ନା ...... ଆଉ ସେ କ୍ଷଣକ ସୁଖରେ ଅନ୍ଧ ହେବିନି । ପୁରୁଷ ହେବାର ନିଶାରେ କାପୁରୁଷ ହୋଇଯାଇଛି ସେ । ସେ ଫେରିବ..... ହଁ , ହଁ .......ସେ ଫେରିବ । ଆଜି କ୍ଷମା ମାଗିବ ଦେବାଦେବୀ ସମ ତା'ର ବାପାବୋଉକୁ । ଯେଉଁମାନେ ପାଳୁପର୍ଯ୍ୟନ୍ତ ପୂର କରୁଛନ୍ତି ତା'ର ସବୁ ଫରମାଇସ୍ । ପୁଣିଥରେ ନୂଆ କରି ଗଢିବ ନିଜକୁ । ସମର୍ଥ କରିବ ନିଜକୁ ଦାନ ମୁଠାଏ ଯୋଗାଡ କରିବା ପାଇଁ ଦୁଇଟି ହତାଶ ପ୍ରାଣ ପାଇଁ । ସଜାଡିବା ତା'ର ଭାଙ୍ଗିଯାଇଥିବା ନୀଡକୁ । ତେବେ ଯାଇ ହୋଇପାରିବ ସେ ପୁରୁଷ ।

ଲୁହ ପୋଛିଲା ଅଭିଳାଷ । ବୋଉ ପାଇଁ ଔଷଧ କିଣି ବାହୁଡା ଯିବାକୁ ହେବ ଘରକୁ ସେ ଜାବୁଡି ଧରିଲା ତା' ବୋଉରମଙ୍ଗଳସୂତ୍ରକୁ । ମଟର ଗାଡିଟା ତା'ର ଗଡିଯାଉଥିଲା ସର୍ପିଳ କଳା ମନ୍ ମନ୍ ରାସ୍ତା ଉପରେ । ଖୋଜିପାଇଛି ଆଜି ତା'ର ନୂତନ ଦିଗନ୍ତ । ସେ ପାଲଟି ଯାଇଥିଲା ପଥ ଖୋଜି ପାଇଥିବା ନୀଡ ବାହୁଡା ପକ୍ଷୀଟିଏ ।



# ଜଙ୍ଗଲ ସୁରକ୍ଷା

ଏଲିନ ପଣ୍ଡା

ପ୍ରତାପଗଡ ନାମରେ ଗୋଟିଏ ଛୋଟ ରାଜ୍ୟ ଥିଲା । ସେହି ରାଜ୍ୟକୁ ରାଜା ଶ୍ୟାମଗୁପ୍ତ ଶାସନ କରୁଥିଲେ । ତାଙ୍କ ରାଣୀଙ୍କ ନାମ ଥିଲା ମାୟାବତୀ । ମାୟାବତୀ ଖୁବ ସୁନ୍ଦରୀ ଥିଲେ । ତାଙ୍କର ସ୍ୱଭାବ ଉଚ୍ଚକୋଟୀର ନ ଥିଲା । ଦୟା, ଧର୍ମ ତାଙ୍କର କମ ଥିଲା ଭଳି ପ୍ରଜାମାନେ ଅନୁଭବ କରୁଥିଲେ । କିନ୍ତୁ ଅପରପକ୍ଷରେ ରାଜା ଶ୍ୟାମଗୁପ୍ତ ଚରିତ୍ର ସର୍ବଗ୍ରାହୀ ଥିଲା ।

ରାଜା ଶ୍ୟାମଗୁପ୍ତ ରାଜ୍ୟର ଶାସନ ଦାୟିତ୍ୱ ଏକ ଛୋଟ ମନ୍ତ୍ରିମଣ୍ଡଳ ଉପରେ ନ୍ୟସ୍ତ କରିଥିଲେ । ପରନ୍ତୁ ଆବଶ୍ୟକସ୍ଥଳେ ମନ୍ତ୍ରିମଣ୍ଡଳକୁ ପରାମର୍ଶ ଦେଉଥିଲେ ତାଙ୍କର ଇଚ୍ଛା ଥିଲା ମନ୍ତ୍ରିମଣ୍ଡଳ ପ୍ରକୃତ କ୍ଷମତା ଜାହିର କରୁ । ରାଜ୍ୟର ପ୍ରଜାମାନେ ସୁଖରେ ରହନ୍ତୁ ।

ପ୍ରତାପଗଡ ରାଜ୍ୟରେ ସୁନା , ରୁପା , ହୀରା, ମୋତି-ମାଣିକ୍ୟ, ପଶୁସମ୍ପଦ, ବଣ – ଜଙ୍ଗଲ, ନଦୀ-ନାଳରେ ଭରପୂର ଥିଲା । ରାଜ୍ୟରେ କୃଷି , ବ୍ୟବସାୟ ବାଣିଜ୍ୟ, କଳକାରଖାନା ଓ ଆମଦାନୀ – ରପ୍ତାନି ଦ୍ୱାରା ଉନ୍ନତିର ପଥ ଉନ୍ମୁକ୍ତ ଥିଲା । ରାଜା ଏବଂ ମନ୍ତ୍ରିମଣ୍ଡଳ ଆଦେଶାନୁସାରେ ଆବଶ୍ୟକାନୁଯାୟୀ ପ୍ରଜାମାନେ ସ୍ୱଚ୍ଛନ୍ଦରେ ଜିନିଷପତ୍ରର ବ୍ୟବହାର କରିପାରୁଥିଲେ । ଫଳରେ ଜଳ, ସ୍ଥଳ, ଖଣିଖାଦାନ , ଜଙ୍ଗଲ ଜାତ ଦ୍ରବ୍ୟର ଅପବ୍ୟବହାର ଘଟୁ ନଥିଲା । ରାଜା ମଧ୍ୟ ରାଜ୍ୟରେ ଅତି ଗରିବ ପ୍ରଜାମାନଙ୍କୁ ଆବଶ୍ୟକସ୍ଥଳେ ସୁନା, ରୁପା, ଏବଂ ଟଙ୍କା କଉଡି ଦାନ ଆକାରରେ ବିତରଣ କରୁଥିଲେ ।

ରାଜପ୍ରାସାଦର ଚଳଣି ଖୁବ ସାଧାରଣ ଥିଲା । ଖାଦ୍ୟପେୟ, ପୋଷାକ ପରିଚ୍ଛଦାଦି ମଧ୍ୟ ସରଳ ଓ ନିଷ୍ଠାଯୁକ୍ତ ଥିଲା । ରାଜା ସଉକରେ ଅଳ୍ପ କିଛି ପଶୁପକ୍ଷୀ ପାଳନ କରିଥିଲେ । ସେମାନେ ଯେପରି କଷ୍ଟ ନ ପାଇବେ ତାହାର ମଧ୍ୟ ହେପାଜତ ନେଉଥିଲେ ।

ହଠାତ ଦିନେ ରାଣୀ ହରିଣ ମାଂସ ଖାଇବାକୁ ଇଚ୍ଛାବ୍ୟକ୍ତ କଲେ । ରାଜା ରାଜଶିକାରୀଙ୍କ ସହିତ ଶିକାର ପାଇଁ ଅରଣ୍ୟକୁ ଗଲେ । ଅରଣ୍ୟରେ କିଛି ସମୟ ଏଣେତେଣେ ବୁଲିଲା ପରେ ଝରଣା ଧାରରେ ଏକ ହରିଣକୁ ଦେଖି ରାଜା ଗୁଳି ଚଳାଇବାକୁ ଉଦ୍ୟତ ହେଲେ । ହରିଣ ରାଜାଙ୍କୁ ବିନୟର ବାହାଣୀରେ ତାକୁ ଗୁଳିବିଦ୍ଧ ନ କରିବାକୁ ଅନୁରୋଧ ଜଣାଇଲେ । କାରଣ ସେ ତାହାର ଭ୍ରୁଣ ସ୍ୱାମୀ ଏବଂ ଶିଶୁର ଅନୁମତି ଆଣି ରାଜାଙ୍କ ସାମ୍ନାକୁ ଆସିବ ବୋଲି ଆଦେଶ ଭିକ୍ଷା କଲା ।

ହରିଣୀର କାତର ପ୍ରାର୍ଥନାରେ ରାଜା ଶ୍ୟାମଗୁପ୍ତ ଦୟାରେ ବିଗଳିତ ହୋଇଗଲେ । ସେ ରାଜଶିକାରୀଙ୍କ ସହିତ ଶିକାରରୁ ନିବୃତ୍ତ ହୋଇ ରାଜପ୍ରସାଦ ଫେରିଲେ । ରାଣୀଙ୍କୁ ସମସ୍ତ ବୃତ୍ତାନ୍ତ ରାଜା ବର୍ଣ୍ଣନା କରନ୍ତେ , ରାଣୀ ଆଶ୍ଚର୍ଯ୍ୟ ପ୍ରକଟ କଲେ ।

ସେହିଦିନଠାରୁ ରାଜା ରାଜ୍ୟରେ ବଣ ଜଙ୍ଗଲକୁ ଅଭୟାରଣ୍ୟ ଭାବେ ଘୋଷଣା କଲେ । ବନ୍ୟଜନ୍ତୁ ଶିକାର ନିଷିଦ୍ଧ କଲେ । ସେମାନଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନ ଚଳପ୍ରଚଳ ସୁରକ୍ଷା ପାଇଁ ଆଦେଶନାମା ଜାରି କଲେ ।




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ